ଧରିତ୍ରୀ
DHARITRI
August 18-24, 2024 ₹ 2/-
ଧରିତ୍ରୀ 50 Years

# ଛୁଟିଦିନ



# କାହିଁ ସେ ଇନ୍ଦ୍ରଧନୁ

ଦିନ ଥିଲା
ବର୍ଷା ପରେ
ପରେ ପ୍ରାୟତଃ
ଦେଖିବାକୁ
ମିଳୁଥିଲା
ଇନ୍ଦ୍ରଧନୁ।
ହେଲେ ଏବେ
ସତେ ଯେମିତି
ହଜିଯାଇଛି
ପ୍ରକୃତିର ଏହି
ଅପୂର୍ବ ବର୍ଣ୍ଣବିଭା...

ପ୍ରଚ୍ଛଦ ପ୍ରସଙ୍ଗ

୩

# ରାଶି ଅନୁଯାୟୀ ରାଖୀର ରଙ୍ଗ

**ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ପ୍ରତି ରାଶିର ଶୁଭ ରଙ୍ଗ ରହିଥାଏ। ତେଣୁ ରାଖୀ ପୂର୍ଣ୍ଣିମାରେ ନିଜ ଭାଇର ରାଶି ଅନୁଯାୟୀ ଶୁଭ ରଙ୍ଗର ରାଖୀ ବାନ୍ଧନ୍ତୁ ...**

***ମେଷ:** ଏହି ରାଶି ପାଇଁ ନାଲି ରଙ୍ଗ ଶୁଭ। ମେଷ ରାଶି ଥିବା ଭାଇ ହାତରେ ନାଲି ରଙ୍ଗର ରାଖୀ ବାନ୍ଧନ୍ତୁ; ଯାହା ସମ୍ପର୍କକୁ ନିବିଡ଼ କରିବା ସହ ଭାଇର ଆତ୍ମବିଶ୍ୱାସ ବଢ଼ାଇଥାଏ।

***ବୃଷ:** ଧଳା, ନୀଳ, ବାଇଗଣୀ ରଙ୍ଗ ଏହି ରାଶି ପାଇଁ ଭଲ। ଏହା ଭାଇର ଜୀବନରେ ସୁଖଶାନ୍ତି ଆଣିଥାଏ।

***ମିଥୁନ:** ସବୁଜ ରଙ୍ଗର ରାଖୀ ଏହି ରାଶିର ଭାଇଙ୍କ ପାଇଁ ଶୁଭ। ଏହା ସେମାନଙ୍କ ବୁଦ୍ଧି ଓ ଚିନ୍ତାଶକ୍ତିକୁ ପ୍ରଖର କରିଥାଏ।

***କର୍କଟ:** ଏହି ରାଶିର ଭାଇମାନଙ୍କୁ ଧଳା ରଙ୍ଗର ରାଖୀ ବାନ୍ଧିଲେ ଭଉଣୀଭାଇ ସମ୍ପର୍କ ଦୃଢ଼ହେବା



ସହ ସୁଖଶାନ୍ତି ବୃଦ୍ଧିପାଏ।

***ସିଂହ:** ହଳଦିଆ ରଙ୍ଗର ରାଖୀ ଏହି ରାଶିର ଭାଇମାନଙ୍କ ଜୀବନରେ ସକାରାତ୍ମକ ଭାବନା ଆଣିଥାଏ।

***କନ୍ୟା:** ଏହି ରାଶିର ଭାଇଙ୍କ ପାଇଁ ବି ସବୁଜ ରଙ୍ଗର ରାଖୀ ବାନ୍ଧିବା ଶୁଭ।

***ତୁଳା:** ଗୋଲାପୀ ରଙ୍ଗର ରାଖୀ ତୁଳା ରାଶିର ଭାଇଙ୍କ ହାତରେ ବାନ୍ଧନ୍ତୁ।

***ବିଛା:** ଏହି ରାଶିର ଭାଇଙ୍କୁ ମେରୁନ୍ ଅଥବା ନାଲିରଙ୍ଗର ରାଖୀ ବାନ୍ଧିବା ଶୁଭ।

***ଧନୁ:** ହଳଦିଆ ରଙ୍ଗର ରାଖୀ ଏହି ରାଶିର ଭାଇଙ୍କୁ ବାନ୍ଧିଲେ ତାଙ୍କର ଜ୍ଞାନ ଓ ଆତ୍ମବିଶ୍ୱାସ ବୃଦ୍ଧିପାଏ।

***ମକର:** ନୀଳରଙ୍ଗର ରାଖୀ ଏହି ରାଶିର ଭାଇଙ୍କୁ ବାନ୍ଧିଲେ ସେମାନଙ୍କ ଧୈର୍ଯ୍ୟଶକ୍ତି ବଢ଼ିଥାଏ।

* **କୁମ୍ଭ:** ଗାଢ଼ ସବୁଜ ରଙ୍ଗର ରାଖୀ ଏହି ରାଶିର ଭାଇଙ୍କ ପାଇଁ ଶୁଭ।

* **ମୀନ:** ହଳଦିଆ ରଙ୍ଗର ରାଖୀ ଏହି ରାଶିର ଭାଇଙ୍କୁ ବାନ୍ଧିଲେ ତାଙ୍କର ଜ୍ଞାନ ଓ ଧନ ବୃଦ୍ଧିପାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୧୮-୨୪

**ମେଷ** — ଶାରୀରିକ ସୁସ୍ଥତା, ଋଣ ପରିଶୋଧ ଚିନ୍ତା, ଯାତ୍ରାରେ କାର୍ଯ୍ୟହାନୀ, ସନ୍ତାନଙ୍କ ବିଶୃଙ୍ଖଳା, ବନ୍ଧୁମିଳନର ଆୟୋଜନ, କର୍ମକ୍ଷେତ୍ରରେ ସମ୍ମାନ ଲାଭ, ନୂତନବନ୍ଧୁ ସମ୍ପର୍କ, ବିବାଦର ସମାଧାନ, ଗୃହ ନିର୍ମାଣରେ ପ୍ରତିବନ୍ଧକ ॥

**ବୃଷ** — ଆର୍ଥିକ ଅଭିବୃଦ୍ଧି, ନୂତନ ଯୋଜନାରମ୍ଭ, ପ୍ରଶାସନିକ ତତ୍ପରତା, ଯାନବାହନରେ ତ୍ରୁଟି, ଆନୁଷ୍ଠାନିକ କାର୍ଯ୍ୟରେ ତତ୍ପରତା, ମାନସିକ ଶାନ୍ତି ବ୍ୟାହତ, କଲ୍ୟାଣମୂଳକ କାର୍ଯ୍ୟାରମ୍ଭ, ଲୋକସମ୍ପର୍କ ବୃଦ୍ଧି, ଦର୍ଶନୀୟ ସ୍ଥାନ ପରିଭ୍ରମଣ ॥

**ମିଥୁନ** — କାର୍ଯ୍ୟହାନୀରୁ ଅନୁତାପ, ବନ୍ଧୁଙ୍କ ସହ ଆଲୋଚନା, ସାହାଯ୍ୟ ସହଯୋଗପ୍ରାପ୍ତି, ଭୁଲ୍‌ବୁଝାମଣାରୁ ମନାନ୍ତର, ମାନସିକ ଅବସାଦ, ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ଆନୁଷ୍ଠାନିକ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି ॥

**କର୍କଟ** — ନୂତନ କର୍ମାରମ୍ଭ, ଆପୋଷ ମିଳାମିଶା, ସମସ୍ୟାର ସମାଧାନ, ଯାତ୍ରାରେ ଧନହାନୀ, କର୍ମଧାରାରେ ପରିବର୍ତ୍ତନ, ପାରିବାରିକ ସହମତି, ବ୍ୟବସାୟରେ ଲାଭ ॥

**ସିଂହ** — ଆର୍ଥିକ ସଂକଟ, ଆତ୍ମୀୟଙ୍କ ଅନାଦର, ଦୂରଯାତ୍ରା ପାଇଁ ସାଜସଜ୍ଜା, ଶୁଭକାର୍ଯ୍ୟର ଯୋଜନା, ପରିଜନଙ୍କ ସହ ଭ୍ରମଣ, ସହକର୍ମୀଙ୍କ ବଦାନ୍ୟତା, ବାଣିଜ୍ୟରେ ଉନ୍ନତି, ମାମଲାର ଫଇସଲା ॥

**କନ୍ୟା** — କାର୍ଯ୍ୟସିଦ୍ଧିରୁ ଆଶ୍ୱସ୍ତି, ଅନୁକୂଳ ପରିବେଶ, ସନ୍ତାନଙ୍କ ଗୌରବ,ଋଣ ପରିଶୋଧ, ବାଣିଜ୍ୟରେ କ୍ଷତି, ପରିବାରରୁ ପ୍ରତିରୋଧ, ପୂର୍ବ ପ୍ରସ୍ତୁତିରେ ବ୍ୟତିକ୍ରମ, ଦୂରସ୍ଥାନକୁ ଯାତ୍ରା, ସଙ୍ଗୀତ ଚଳଚ୍ଚିତ୍ରରୁ ସୁନାମ, ଧର୍ମକାର୍ଯ୍ୟ କରିବେ, ମାନସିକ ଶାନ୍ତି ଫେରିବ ॥

**ତୁଳା** — ଉତ୍ସାହିତ ରହିବେ, ଗୁରୁଜନଙ୍କ ପ୍ରେରଣା, କୂଟନୀତିରେ ସଫଳତା, ପୈତୃକ ସମ୍ପତିରେ ବିବାଦ, ଲୋକସମ୍ପର୍କ ବଢ଼ିବ, ସାମାଜିକ ସମ୍ମାନ ପାଇବେ, ଏଜେନ୍ସିପ୍‌ରେ ଉନ୍ନତି, ପରିବାରରେ ବୁଝାମଣା, ନୂତନ କର୍ମାରମ୍ଭ, ସହକର୍ମୀଙ୍କ ସାହାଯ୍ୟ ॥

**ବିଛା** — କାର୍ଯ୍ୟଦକ୍ଷତାରୁ ସମ୍ମାନ, ଉଦ୍ୟମରେ ସଫଳତା, ବନ୍ଧୁସମ୍ପର୍କରେ ସମସ୍ୟା, କ୍ଳାନ୍ତିବୋଧ କରିବେ, ଆଶା ଫଳବତୀ ହେବ, ଦେବାର୍ଚ୍ଚନାର ସୁଯୋଗପ୍ରାପ୍ତି, ସାହିତ୍ୟ କୃତିରୁ ଗୌରବ, ସାମ୍ବାଦିକତାରୁ ପ୍ରଶଂସା, ବିଦେଶଯାତ୍ରାର ସୁଯୋଗ ॥

**ଧନୁ** — ସ୍ୱାସ୍ଥ୍ୟହାନୀରୁ ମନସ୍ତାପ, ସଂଯମତାର ଅଭାବରୁ କଳହ, ରାଜକୀୟ ସମ୍ମାନ, ଅଧିକଖର୍ଚ୍ଚାନ୍ତରୁ ମତାନ୍ତର, ଟେନସନ କମିଯିବ, ମୂଲ୍ୟବାନ ଦ୍ରବ୍ୟ ପାଇବେ, ଶୁଭଖବର ମିଳିବ, ପରିବାରରେ ଭୁଲ୍ ବୁଝାମଣା, ବାଣିଜ୍ୟରେ ଉନ୍ନତି, ଭ୍ରାତୃସମ୍ପର୍କରେ ସନ୍ଦେହ ॥

**ମକର** — ଶାରୀରିକ ଅସୁସ୍ଥତା, ପରିସ୍ଥିତିକୁ ସଜାଡି ନେବେ, ମାମଲା ଶୁଣାଣିରେ ବିଳମ୍ବ, କର୍ମତତ୍ପରତା ବୃଦ୍ଧି, ବନ୍ଧୁ ସହଯୋଗ ପାଇବେ, ପ୍ରତିବନ୍ଧକ ଦୂର ହେବ, ବ୍ୟବସାୟରେ ଲାଭ, ରିସ୍କ ପଦକ୍ଷେପ ନେବେ, ବିବାଦର ଅବସାନ, ବନ୍ଧୁଙ୍କ ଓଲଟା ବୁଝାମଣା, କଳାପ୍ରିୟ ହେବେ ॥

**କୁମ୍ଭ** — ବନ୍ଧୁମିଳନରୁ ଆନନ୍ଦ, ସହକର୍ମୀଙ୍କ ସହ ତିକ୍ତତା, ସୁଖସମୃଦ୍ଧିରୁ ସନ୍ତୋଷ, ସମସ୍ୟା କମି କମିଯିବ, କାର୍ଯ୍ୟହାସଲରେ ଖର୍ଚ୍ଚାନ୍ତ, ପଡୋଶୀଙ୍କ ଆଦର ଅଭ୍ୟର୍ଥନା, ନୂତନବନ୍ଧୁ ସମ୍ପର୍କ, ପରିବାରରେ ମତାନ୍ତର, ନିଯୁକ୍ତି ଅଫର୍ ପାଇବେ, ଫଳପ୍ରଦ ଆଲୋଚନା ॥

**ମୀନ** — ଦୂରଯାତ୍ରାରେ ସଫଳତା, ସଂକଟ ଦୂର ହେବ, ଫାଇଲ୍ କାମ ବୃଦ୍ଧି, ଭ୍ରାତୃସମ୍ପର୍କରେ ଉନ୍ନତି, ନିର୍ମାଣରେ ପ୍ରତିବନ୍ଧକ, ପରିବହନରେ ବିବାଦ, ପଡୋଶୀଙ୍କ ପ୍ରେରଣା ପାଇବେ, ପୁରାଣ ପଠନରେ ଆଗ୍ରହ, ଧର୍ମକାର୍ଯ୍ୟ କରିବେ, ସଙ୍ଗୀତ ସମାରୋହକୁ ଆହ୍ୱାନ, ବୈଷୟିକ ଅଭିବୃଦ୍ଧି ॥

# ରାଖୀ ବାନ୍ଧିବା ପୂର୍ବରୁ କରନ୍ତୁ ଏହି ଦେବତାଙ୍କ ପୂଜା

ରାଖୀ ପୂର୍ଣ୍ଣିମାରେ ଭାଇ ହାତରେ ରାଖୀ ବାନ୍ଧିବା ପୂର୍ବରୁ ଠାକୁରଙ୍କୁ ରାଖୀ ସମର୍ପଣ କରିବାର ବିଧି ରହିଛି। ବିଶ୍ୱାସ ରହିଛି, ଏପରି କରିବା ଦ୍ୱାରା ପ୍ରଭୁଙ୍କ ଆଶୀର୍ବାଦ ମିଳିବା ସହ ମନସ୍କାମନା ପୂରଣ ହୁଏ। ତେବେ ରାଖୀ ପୂର୍ଣ୍ଣିମାରେ କେଉଁ ଦେବତାଙ୍କଠାରେ ରାଖୀକୁ ସମର୍ପଣ କରିବା ଶୁଭ ହୋଇଥାଏ ଜାଣନ୍ତୁ ସେ ବିଷୟରେ... * ବିଘ୍ନ ବିନାଶନ ପ୍ରଭୁ ଗଣେଶଙ୍କ ପୂଜା ସର୍ବାଗ୍ରେ କରାଯାଉଥିବାରୁ ରାଖୀ



ପୂର୍ଣ୍ଣିମା ଦିନ ପ୍ରଥମେ ପ୍ରଭୁ ଗଣେଶଙ୍କଠାରେ ରାଖୀ ସମର୍ପଣକରି ତା'ପରେ ଭାଇ ହାତରେ ବାନ୍ଧିଲେ ସକଳ ସମସ୍ୟା ଦୂରହୁଏ। ଯେଉଁମାନଙ୍କର ଭାଇ ନାହାନ୍ତି ସେମାନେ ବି ଚାହିଁଲେ ପ୍ରଭୁ ଗଣେଶଙ୍କୁ ଭାଇ ସ୍ୱରୂପ ରାଖୀ ବାନ୍ଧିପାରିବେ। * ଏହି ପବିତ୍ର ଦିନରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ମଧ୍ୟ ରାଖୀ ବାନ୍ଧିବା ଶୁଭ ହୋଇଥାଏ। * ରାଖୀ ପୂର୍ଣ୍ଣିମାରେ ଦେବ ଦେବ ମହାଦେବଙ୍କୁ ପ୍ରଥମେ ରାଖୀ ସମର୍ପଣକରି ତା'ପରେ ଭାଇ ହାତରେ ବାନ୍ଧିଲେ ମନସ୍କାମନା ପୂରଣ ହେବା ସହ ଭାଇଙ୍କ ଜୀବନରେ ସୁଖଶାନ୍ତି ଭରିଯାଏ ବୋଲି ବିଶ୍ୱାସ ରହିଛି। * ଏହି ଶୁଭଦିନରେ ପ୍ରଭୁ ହନୁମାନଙ୍କୁ ରାଖୀ ସମର୍ପଣ କଲେ ଭାଇର ଜାତକରେ ଥିବା ମଙ୍ଗଳ ଦୋଷ ଦୂରହେବା ସହ ବଳ, ବୁଦ୍ଧି ପ୍ରାପ୍ତ ହୁଏ। * ଅନ୍ୟପକ୍ଷେ ନାଗଦେବତାଙ୍କୁ ମଧ୍ୟ ରାଖୀ ସମର୍ପଣ କରିବା ଶୁଭ ହୋଇଥାଏ। ଏହା ସର୍ପ ଦୋଷରୁ ଭାଇଙ୍କୁ ରକ୍ଷାକରିଥାଏ ବୋଲି ଲୋକ ବିଶ୍ୱାସ ରହିଛି।

# ପାଠକୀୟ

* ବିପଦବେଳେ ଯିଏ ଆଗପଛ ନ ଭାବି ବନ୍ଧୁ ପାଇଁ ନିଜ ଜୀବନକୁ ବାଜି ଲଗାଇଦିଏ, ଅସମ୍ଭବକୁ ସମ୍ଭବ କରିଦିଏ ସେ ହିଁ ପ୍ରକୃତ ବନ୍ଧୁ। ସେମିତି କେତେଜଣ ବନ୍ଧୁଙ୍କ କଥାକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବନ୍ଧୁ ପାଇଁ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା। 'ପର୍ସରେ କେଉଁ ଜିନିଷ ରଖିବେନି', 'ସୌଭାଗ୍ୟ ଆଣେ ତୁଳସୀ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା।

*– ସଞ୍ଜୁକ୍ତା ଦାସ, ଫୁଲନଖରା, କଟକ*

* ସୁଖରେ ହେଉ କି ଦୁଃଖରେ, ଯିଏ ସବୁବେଳେ ସବୁ କ୍ଷେତ୍ରରେ ପାଖେ ପାଖେ ଥାଇ ଆମକୁ ସାହାରା ଦେଇଥାଏ ସେ ହେଉଛି ବନ୍ଧୁ। ଏପରି କି ବିପଦ ଆସିଲେ ଆମ ପାଇଁ ନିଜ ଜୀବନକୁ ବାଜି ଲଗାଇଦେବାକୁ ବି ସେ ପଛଘୁଞ୍ଚା ଦିଏନାହିଁ। ସେମିତି କେତେଜଣ ଖାସ୍ ବନ୍ଧୁଙ୍କ ଜୀବନ କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ବନ୍ଧୁ ପାଇଁ' ଶୀର୍ଷକ ଆଲେଖ୍ୟଟି ସତରେ ବେଶ୍ ପ୍ରେରଣାଦାୟୀ ଥିଲା। କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତାଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଛୁଟିଦିନରୁ ପଢ଼ି ଖୁସି ଲାଗିଲା।

*– ଅଶୋକ ମହାନ୍ତି, ଖୋର୍ଦ୍ଧା ରୋଡ୍*

* ଚିତ୍ରଶିଳ୍ପୀ ସୋଫିଆ ୟାସ୍ମିନ୍‌ଙ୍କ ଚିତ୍ର ଦୁନିଆ ସମ୍ପର୍କରେ ଜାଣି ଅନେକ ପ୍ରେରଣା ମିଳିଲା। 'ବିହନ ବ୍ୟାଙ୍କ' ଶୀର୍ଷକ ଲେଖାଟି ବି ନିଆରା ଥିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପରିଶୋଧ' ଶୀର୍ଷକ ଗପଟି ମନ କିଣିନେଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। କବି, ବ୍ୟଙ୍ଗକାର ସରୋଜ କୁମାର ଶତପଥୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

*– ରାକେଶ ବଳବନ୍ତରାୟ, ସୁନ୍ଦରଗଡ଼*

* 'ଅଲିମ୍ପିକ୍ସ କିଛି କଥା' ଶୀର୍ଷକ ପାଠଟିରୁ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା। ମଡେଲ ମିରରରେ ପ୍ରଜ୍ୟୋତି ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ.. ହାଃ... ବି ମଜାଦାର ଥିଲା। ସହରଠୁ ଦୂର ପୃଷ୍ଠାରୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ରଓ୍ୱାଙ୍ଗଲା ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ସ୍ୱୀକୃତି ମିଶ୍ର, ଭବାନୀପାଟଣା*

* ବିବିଧା ପୃଷ୍ଠାରେ ସ୍ଥାନିତ 'ରେଲୱେ ଟ୍ରାକ୍‌ରେ କାହିଁକି ବିଛାଯାଇଥାଏ ଟ୍ରାକ୍ ବାସାଲ୍ଟ' ଶୀର୍ଷକ ଲେଖାଟି ବେଶ୍ ଶିକ୍ଷଣୀୟ ଥିଲା। 'ଅଣ୍ଡରପ୍ୟାଣ୍ଟକୁ ନେଇ ରେକର୍ଡ' ଶୀର୍ଷକ ପାଠଟି ବି ବେଶ୍ ମଜାଦାର ହୋଇଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ମୃତ୍ୟୁ ମହୋତ୍ସବ' ଶୀର୍ଷକ ପାଠଟି ବି ଶିକ୍ଷଣୀୟ ହେବା ସହ ମନଛୁଆଁ ଲାଗୁଥିଲା।

*– ରାଜେଶ ତ୍ରିପାଠୀ, ଭବାନୀପାଟଣା*

## ବିଶେଷ ଚିଠି




'ବନ୍ଧୁ ପାଇଁ' ଶୀର୍ଷକକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ବନ୍ଧୁତାର ନିବିଡ଼ ସମ୍ପର୍କକୁ
ବଖାଣୁଥିଲା ସଭିଙ୍କ ଆଗ।
ବିବିଧା, ବ୍ୟାକ୍‌ପେଜ୍ ପୃଷ୍ଠା ବି
କିଣିନେଉଥିଲା ମନ,
ତା'ସାଙ୍ଗକୁ ପୁଣି ସାଥୀ, ସିନେମା
ବଢ଼ାଇ ଦେଉଥିଲା ଲେଖାର ମାନ।
ହେ ମୋର ପ୍ରିୟ ଛୁଟିଦିନ!
ତୁମେ ଲାଗୁ ସବୁଠୁ ଉତ୍ତମ।

*– ସଂଗ୍ରାମ ମହାପାତ୍ର, ଭଦ୍ରକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# କାହିଁ ସେ ଇନ୍ଦ୍ରଧନୁ

**ଇ**ନ୍ଦ୍ରଧନୁ ! ପ୍ରକୃତିର ଏକ ଅନନ୍ୟ ବିସ୍ମୟ। ଲାଗେ ସତେ ଯେମିତି କେଉଁ ଏକ ଚିତ୍ରକର ଆକାଶ ଛାତିରେ ଆଙ୍କି ଦେଇଛି ସାତରଙ୍ଗର ଏହି ସୁନ୍ଦର ଚିତ୍ରକୁ ଅବା ପକାଇଛି ରଙ୍ଗୋଲିଟିଏ। ଯାହାର ଉପସ୍ଥିତିରେ ସାରା ଆକାଶ ଲାଗେ ବେଶ୍ ମନୋରମ ଓ ଦିଏ ଏକ ଦିବ୍ୟ ଅନୁଭବ। ସାତରଙ୍ଗର ଏହି ଆଭା ଛୋଟରୁ ବଡ଼ ସମସ୍ତଙ୍କୁ କରେ ମତୁଆଲା। ଦିନ ଥିଲା ବର୍ଷା ପରେ ପରେ ପ୍ରାୟତଃ ଦେଖିବାକୁ ମିଳୁଥିଲା ଏହି ମନୋରମ ଦୃଶ୍ୟ। ହେଲେ ଏବେ ସତେ ଯେମିତି ଏହା ହଜିଯାଇଛି କେଉଁଠି। ଯେତେ ଖୋଜିଲେ ବି ମିଳୁନି ତା'ର ଠିକଣା। ବୋଧହୁଏ ଅଭିମାନ କରିଛି ଆଧୁନିକତା ନାଁରେ ପରିବେଶକୁ ନଷ୍ଟ କରିଦେଇଥିବା ଏଇ ମାନବ ସମାଜ ଉପରେ। ଆଉ ଚାଲିଯାଇଛି କେଉଁ ଏକ ଅଜଣା ଦୁନିଆକୁ। ଫଳରେ ଏବେ ବର୍ଷାଦିନେ ବର୍ଷା ତ ହେଉଛି ହେଲେ ଦେଖିବାକୁ ମିଳୁନି ପ୍ରକୃତିର ଏହି ଅପୂର୍ବ ବର୍ଣ୍ଣବିଭା। ହୃଦୟରେ କେବଳ ରହିଯାଇଛି ମଧୁର ସ୍ମୃତିଟିଏ ହୋଇ।

**ବା ଘ ନି ସ ହ ଲା ନା– ଶିବ ମିଶ୍ର, ଲେଖକ:** କାହିଁ କୋଉ ପିଲାଦିନର କଥା ଇଏ। ଦିନେ ନିର୍ଘାତ ବର୍ଷା ଅସରାଏ ହେଲା ପରେ ତା'ର ପ୍ରକୋପ କମି ଯାଇ, କୁଣ୍ଡା ଝାଡ଼ିଲା ପରି ଫିଁରି ଫିଁରି ବର୍ଷା ହେଉଥିଲା । ତା' ସାଙ୍ଗକୁ ବିଞ୍ଚି ହୋଇପଡ଼ିଥିଲା ଖରା । ମୋ' ବଡ଼ ଭଉଣୀ କହିଲା– ''ଖରା ହେଉଛି, ବର୍ଷା ହେଉଛି,ବିଲୁଆ ନନା ବାହା ହେଉଛି।'' ତା' କଥା ଶୁଣି ମୁଁ କହିଲି – ମୁଁ ବିଲୁଆ ନନାର ବାହାଘର ଦେଖିବାକୁ ଯିବି। ସେଥିପାଇଁ ମୁଁ ଅଳି କରିବାରୁ, ମୋର ତ ଜେଜୀମାଆ ନ ଥିଲେ, ମୋ ବଡ଼ ମାଆ ମୋତେ କାଖେଇ ବାଡ଼ି ପଟକୁ ନେଇଯାଇ ଆକାଶକୁ ଦେଖାଇ କହିଲେ– ବିଲୁଆ ନନାର ବାହାଘର ପାଇଁ ଆକାଶରେ କେମିତି ସଜ୍ଜା ହୋଇଛି ଦେଖ। ମୁଁ ଦେଖିଲି, ଆକାଶରେ କେତେ ନା କେତେ ରଙ୍ଗର ଚିତ୍ରଟିଏ ଦାଉ ଦାଉ ଦିଶୁଥିଲା। ମୁଁ ପଚାରିଲି ଏଇଟା କ'ଣ ? ବଡ଼ମାଆ କହିଲେ– ଏହାକୁ କହନ୍ତି, ଇନ୍ଦ୍ରଧନୁ। ଏ ଧନୁଟା ଦିଅଁମାନଙ୍କ ରାଜା ଇନ୍ଦ୍ରଙ୍କର। ମୁଁ କହିଲି – ବଡ଼ ସୁନ୍ଦର ଦିଶୁଛି ଏଇ ଧନୁଟା। ସେଥିରେ ଥିବା ରଙ୍ଗଗୁଡ଼ିକ ମୁଁ ଏକ ଦୁଇ କରି ଗଣିଲା ବେଳେ ବଡ଼ ମାଆ କହିଲେ,ଏଥିରେ ସାତଟି ରଙ୍ଗ ଅଛି, ସେ ଗୁଡ଼ାକ ହେଲା– ବା ଘ ନି ସ ହ ଲା ନା। ତା'ପରେ ସିଏ ଗୋଟି ଗୋଟି କରି ସାତ ରଙ୍ଗର ନାଁ କହିଲେ। ଇନ୍ଦ୍ରଧନୁର ରଙ୍ଗ ମନେ ରଖିବା ପାଇଁ ଏଇଟା ସବୁଠୁ ସହଜ ଆଉ ସରଳ ସୂତ୍ର। ମୋ'ପରି, ପ୍ରାୟ ସମସ୍ତେ ପିଲାବେଳେ, ଏ ସୂତ୍ର ଶୁଣିଥିବେ, ଆଉ ମନେ ରଖିଥିବେ।

ମୁଁ ପ୍ରାଥମିକ ସ୍କୁଲରେ ପଢ଼ିବା ବେଳେ ଆମ ସାହିତ୍ୟ ବହିରେ ଇନ୍ଦ୍ରଧନୁକୁ ନେଇ ଗୋଟିଏ ଗୀତ ଥିଲା। ସେଥିରେ ଗୋଟେ ପଦ ଥିଲା, 'ଗୋଟିଏ ପଟରେ ଟାଣୁଆ ଖରା, ଆରପଟେ ପଡ଼େ ବରଷା ଧାରା, ମଝିରେ ଗୋଟିଏ ବିରାଟ ଧନୁ, ତା' ସୁନ୍ଦର ପଣ ନ ଯାଏ ମନୁ।' ସେଇଠୁ ମୁଁ ଜାଣିଲି, ସୂର୍ଯ୍ୟ କିରଣ ଆଗରେ ଝିରି ଝିରି ବର୍ଷା ପାଣି ଝରିଲେ, ସେ କିରଣରେ ଥିବା ସାତଟି ରଙ୍ଗର ଇନ୍ଦ୍ରଧନୁ ଆଙ୍କି ହୋଇଯାଏ ଆକାଶ ଛାତିରେ।

ଇନ୍ଦ୍ରଧନୁ କେବଳ ଶିଶୁମାନଙ୍କୁ ଆକୃଷ୍ଟ କରେ ନାହିଁ, ମନ ଉଲୁସାଏ ନାହିଁ। ତା'ର ଶୋଭା ଆବାଳ ବୃଦ୍ଧବନିତା ସଭିଙ୍କୁ ଖୁସି ଦେଇଥାଏ।

**ଦିନ ଥିଲା ବର୍ଷା ପରେ ପରେ ପ୍ରାୟତଃ ଦେଖିବାକୁ ମିଳୁଥିଲା ଇନ୍ଦ୍ରଧନୁ। ହେଲେ ଏବେ ସତେ ଯେମିତି ହଜିଯାଇଛି ପ୍ରକୃତିର ଏହି ଅପୂର୍ବ ବର୍ଣ୍ଣବିଭା...**

ପ୍ରେମିକଟିଏ ଇନ୍ଦ୍ରଧନୁର ରଙ୍ଗ ନେଇ, ଆଙ୍କିବସେ ପ୍ରେମିକାର ଚିତ୍ର, ବର୍ଷାଋତୁରେ ବିରହିଣୀ ନାୟିକାଟିର ମନ ଚଞ୍ଚଳ ହୋଇଯାଏ, ବର୍ଷା ବତୁରା ଆକାଶରେ ଇନ୍ଦ୍ରଧନୁକୁ ଦେଖି। କବି, ଲେଖକମାନେ ଆହୁରି ଆହୁରି କେତେ କଥା ଲେଖିଯାଇଛନ୍ତି ଇନ୍ଦ୍ରଧନୁକୁ ନେଇ।

ଏବେ ବଦଳି ଯାଉଛି ପରିବେଶ, ପରିସ୍ଥିତି। ଏବେ ଗୋଟିଏ ବଡ଼ ସହରରେ ରହୁଥିବା ମୋର ନାତୁଣୀ 'ଲିପି'କୁ ଦିନେ ପଚାରିଲି– ତୁ ଇନ୍ଦ୍ରଧନୁ ଦେଖିଛୁ ? ସିଏ କହିଲା, ପିଲାବେଳେ ଗାଁରେ ଥିଲାବେଳେ ଆକାଶରେ ଦେଖିଥିଲି, ଏ ସହରକୁ ଆସିଲା ପରେ ଟିଭିରେ, ସିନେମାରେ ଦେଖୁଛି। ବଡ଼ ସହରଗୁଡ଼ିକରେ ଦଶ ପନ୍ଦର ମହଲାର ବିରାଟ ବିରାଟ କୋଠା ଧାଡ଼ି ଧାଡ଼ି ହୋଇରହିଛି। ଖୋଲା ଆକାଶ ଦେଖାଯାଉନି। ବର୍ଷା ଦିନରେ ଇନ୍ଦ୍ରଧନୁ ଦିଶିବ କେମିତି ? ତା' କଥା ଶୁଣି ମୁଁ ଭାବିଲି, ସତରେ ସଭ୍ୟ ଶିକ୍ଷିତ କରିବା ଆଳରେ କେବଳ ଅର୍ଥ ଅର୍ଜନ କରିବାପାଇଁ ପିଲାମାନଙ୍କୁ କେତେ ଦୂରେଇ ଦିଆଯାଉଛି ପ୍ରକୃତିର ନୈସର୍ଗିକ ଶୋଭା ସମ୍ପଦଠାରୁ। ନଈ ପଠାର କାଶତଣ୍ଡୀ ବଣ, ପାହାଡ଼ୀ ଝରଣାର କୁଳୁକୁଳୁ ସ୍ୱନ, ପବନରେ ଦୋଳାୟିତ ପାଚିଲା ଧାନର କ୍ଷେତ, ବସନ୍ତ କୋଇଲିର ଗୀତ, ନୀଳ ଆକାଶ ତଳେ ଡେଣା ଝାଡି ଉଡ଼ିଯାଉଥିବା ଧଳା ଧଳା ବଗ ଦଳ, ପହରିକିଆ ବିଲୁଆର ହୁକେ ହୋ' ରଡ଼ି ଏସବୁ କେବଳ ଦେଖିବା ଶୁଣିବା ପାଇଁ ନୁହେଁ, ଶିଖିବା ଜାଣିବା ଲାଗି। ଅମୂଲ୍ୟ ଜୀବନକୁ ସତ୍ୟ, ବାସ୍ତବ ଏବଂ ଶାଶ୍ୱତ ସହିତ ପରିଚିତ କରାଇବା ପାଇଁ ପ୍ରକୃତିକୁ ଆପଣେଇବାକୁ ହେବ। ବର୍ତ୍ତମାନର କୃତ୍ରିମତାର ପ୍ରାଚୁର୍ଯ୍ୟ ଭିତରେ ନିଜକୁ ହଜାଇ ଦେଇ ପ୍ରକୃତିର ସୁନ୍ଦରତାଠାରୁ ଯେତିକି ଦୂରେଇ ଯାଉଛି ଏ ମନୁଷ୍ୟ, ସେତିକି କରାଳ ରୂପଧରି ପ୍ରକୃତି କେବଳ ମନୁଷ୍ୟ ନୁହେଁ ସମଗ୍ର ଜୀବଜଗତ ଆଡ଼କୁ ମାଡ଼ିଆସୁଛି। କେଜାଣି କେବେ ମନୁଷ୍ୟ ବୁଝିବ ଏହି ସତ୍ୟକୁ, ଆଉ ଜୀବନକୁ ସରସ ସୁନ୍ଦର କରିବା ପାଇଁ ମାଖିହେବ ଇନ୍ଦ୍ରଧନୁର ରଙ୍ଗ ବା ଘ ନି ସ ହ ଲା ନା ।

**ସ୍ମୃତିରେ ଇନ୍ଦ୍ରଧନୁ–ଡ. ଫକୀର ମୋହନ ନାହାକ, ନିର୍ଦ୍ଦେଶକ, ସ୍କୁଲ ଅଫ୍ ମିଡିଆ ଆଣ୍ଡ କମ୍ୟୁନିକେଶନ, ମଣିପାଲ ୟୁନିଭରସିଟି, ଜୟପୁର**

ପିଲାଦିନେ ପଶ୍ଚିମାକାଶରେ ଇନ୍ଦ୍ରଧନୁ ଖୁବ କମ ଦେଖିଛି। ବର୍ଷାଦିନେ ଉପରବେଳା ସ୍କୁଲରୁ ଫେରିଲା ବେଳେ, ବର୍ଷା ଟିକିଏ ଛାଡ଼ି ଯାଇଥିଲା ବେଳେ ଯଦି ଖରା ଆସେ, ସେତେବେଳେ ପ୍ରାୟତଃ ପୂର୍ବାକାଶରେ ଇନ୍ଦ୍ରଧନୁ ଦେଖିବାକୁ ମିଳୁଥିଲା। ଇନ୍ଦ୍ରଧନୁକୁ ଦେଖିଲେ ମନରେ ଏକ ଅଦ୍ଭୁତ ଆନନ୍ଦ ଖେଳିଯାଉଥିଲା। ଏହାକୁ ଇନ୍ଦ୍ରଧନୁ କାହିଁକି କୁହାଯାଏ ବୋଲି ମୁଁ ଅନେକ ଥର ଜେଜେବାପାଙ୍କୁ ପ୍ରଶ୍ନ ବି କରିଛି। ତେବେ ପଞ୍ଚମ ଶ୍ରେଣୀରେ ଯେତେବେଳେ ଇନ୍ଦ୍ରଧନୁ କବିତା ପଢ଼ିଲି, ସେତେବେଳେ ଇନ୍ଦ୍ରଧନୁକୁ ଖୁବ୍ ଭଲଭାବେ ଜାଣିହେଲା। ସେ କବିତାରେ ଥିଲା,

ସୂର୍ଯ୍ୟଠାରେ ଥିଲା ସେ କାହିଁ, ସଲିଳ–କଣା ପରଶ ପାଇ
ସଜାଇ ରୂପ ବର୍ଣ୍ଣବାହୀ ସବୁରି ମନ ମୋହେ ;

ସାତୋଟି ତହିଁ ରଙ୍ଗ ଖେଳି ସବୁଜ, ପୀତ, ଲୋହିତ, ନେଳି
ବାଇଗଣି ଓ କମଳା ଝଳି ନିବିଡ଼ ନୀଳ ଶୋହେ ।
X XXXX
ନୁହେଁ ତ ନୁହେଁ ତୋରଣ ସିଏ, କରିନି ତାକୁ ତିଆରି କିଏ,
ନାହିଁ ତ କାହିଁ ଇନ୍ଦ୍ରଟିଏ, ନୁହେଁ ସେ କାହା ଧନୁ ;
ଅଗଣା, ବିଲ, ପଡ଼ିଆ ପରେ ଦେଖିଲେ ତାକୁ ନୟନ ଭରେ,
ଆକାଶୁ ନିଭେ, ନିଭେନା ଥରେ ଦେଖଣାହାରୀ ମନୁ ।

ସେତେବେଳେ ସାହିତ୍ୟ ବହିରେ କବିତା ତ ଥିଲା, କିନ୍ତୁ ସେଥିରେ କବିମାନଙ୍କ ନାଁ ଲେଖାଯାଉ ନ ଥିଲା। ତେଣୁ ଏ କାଳଜୟୀ କବିତାର କବି କିଏ, ତାଙ୍କ ସମ୍ପର୍କରେ ଜାଣିନି। କିନ୍ତୁ ଏ କବିତା ସେହି ପିଲାଦିନରୁ ଆଜି ଯାଏଁ ପ୍ରାୟ ୪୦ ବର୍ଷ ଧରି ମୋ ଭିତରେ ଘର କରିରହିଛି। ପରବର୍ତ୍ତୀ ସମୟରେ ବଡ଼ ହେବା ପରେ ଅନ୍ୟ କବିମାନଙ୍କୁ ପଢ଼ିବାର ସୁଯୋଗ ମିଳିଲା। ଏମିତି ହିଁ ଇନ୍ଦ୍ରଧନୁକୁ ବର୍ଣ୍ଣନା କରିବାକୁ ଯାଇ କବିବର ରାଧାନାଥ ରାୟ ତାଙ୍କ ରଚିତ ତୁଳସୀ ସ୍ତବକରେ ଲେଖିଛନ୍ତି,

ବେନି କୋଟିକି ନିହି ବେନି ଶିଖରେ ତ୍ରିବର୍ଣ୍ଣ ଜ୍ୟୋତି ସ୍ରୋତ ସୃଜି ଅମ୍ବରେ
ମଣ୍ଡେ ଜୀମୂତ ଭାଲ ଶକ୍ର କାର୍ମୁକ ଆଶା ଉଜ୍ଜ୍ୱଳେ ଯଥା ଆସ୍ତିକ ମୁଖ ॥

ଏବେ ଯେବେଠୁ ଉତ୍ତର ଭାରତରେ ରହିଲି ଇନ୍ଦ୍ରଧନୁ ଦେଖିବା ସମ୍ଭବ ହେଇନାହିଁ। କାରଣ ପ୍ରଦୂଷିତ ବାତାବରଣରେ ଆକାଶରେ ଇନ୍ଦ୍ରଧନୁ ଦେଖିବା ବିରଳ କହିଲେ ଚଳେ। କାଁ ଭାଁ କେବେ କେମିତି ଯଦି ଇନ୍ଦ୍ରଧନୁ ଦେଖାଯାଏ, ତା'ହେଲେ ମନ ଖୁସି ହୋଇଯାଏ। ମୋ ପିଲାମାନେ ବି ଏଯାଏ ଭଲଭାବେ ଇନ୍ଦ୍ରଧନୁ ଦେଖିବା ସୁଯୋଗ ପାଇନାହାନ୍ତି। ତେବେ ପଞ୍ଜାବରେ ରହିଲା ବେଳେ ଥରେ ମୋ ପିଲାମାନେ ସାମାନ୍ୟ ଇନ୍ଦ୍ରଧନୁ ଦେଖିବାର ସୁଯୋଗ ପାଇଥିଲେ। ସେଥିରେ ସେମାନଙ୍କ ଆନନ୍ଦ କହିଲେ ନସରେ। ମୋ ଝିଅ ଭୂମି ଶତରୂପା ସେତେବେଳେ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲା। ସଙ୍ଗେ ସଙ୍ଗେ →








ଶିବ ମିଶ୍ର


ଡ. ଫକୀର ମୋହନ ନାହାକ


ପ୍ର. ରମେଶ ଚନ୍ଦ୍ର ପରିଡ଼ା


ଶିଶିର ବେହେରା

ଇନ୍ଦ୍ରଧନୁର ଚିତ୍ର ଆଙ୍କିବାରେ ଲାଗିପଡ଼ିଲା। ଏବେ ଆମେ ଜୟପୁରରେ ରହୁଛୁ। ଆଉ ମୁଁ ମୋ ପୁଅ ଭୁବନ କଲ୍ୟାଣକୁ ଇନ୍ଦ୍ରଧନୁର ଚିତ୍ର ଆଙ୍କିବା ଶିଖାଉଛି। କିନ୍ତୁ ପିଲାଦିନେ ଗାଁ ବନ୍ଧହିଡ଼ ଗୋହିରୀରେ ବା ବିଲମାଳରେ ଠିଆ ହୋଇ ଇନ୍ଦ୍ରଧନୁ ଦେଖିବାର ଆନନ୍ଦ ଏବେ ମୋ ପାଇଁ ସ୍ୱପ୍ନ ମାତ୍ର।

**ଖୋଜିବାକୁ ହେବ କେଉଁ ସଂଗ୍ରହାଳୟରେ: ଶିଶିର ବେହେରା**

ନୟାଗଡ଼ ଜିଲାର ନଛିପୁର ହେଉଛି ଆମ ଗାଁ। ଛୋଟିଆ ହେଲେ ବି ସୁକରମଲ ପାହାଡ଼ ତଳେ ପ୍ରାକୃତିକ ପରିବେଶ ଭିତରେ ଥିବା ଆମ ଗାଁଟି ଭାରି ସୁନ୍ଦର। ମୋର ମନେଅଛି ପିଲାଦିନେ ବର୍ଷା ହେଲେ ପାହାଡ଼ରୁ ଝରିଆସୁଥିବା ଛୋଟ ଛୋଟ ଝରଣା, ଚାଳରୁ ଝରିପଡୁଥିବା ବର୍ଷା ଜଳ, ପିଲାଙ୍କ କାଗଜଡ଼ଙ୍ଗା ଭସାଇବାର ଦୃଶ୍ୟ ଭାରି ମନଲୋଭା ଲାଗୁଥିଲା। ଆଉ ଯେବେ ପାହାଡ଼ର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ବିରାଟକାୟ ଇନ୍ଦ୍ରଧନୁ ପଡୁଥିଲା ତାକୁ ଦେଖିବାକୁ ଏତେ ଖୁସି ଲାଗୁଥିଲା ଯେ ପ୍ରକାଶ କରିହେବନି। ଆମେ ସବୁ ସାଙ୍ଗସାଥୀ ଡକାଡ଼କି ହୋଇ ଇନ୍ଦ୍ରଧନୁ ଦେଖୁଥିଲୁ। ଯଦି କାହାକୁ ଡାକି ନ ଥିବୁ ସେ ପିଲାଟି ଭାରି ଅଭିମାନ କରୁଥିଲା। ଖାଲି ସାଙ୍ଗମାନଙ୍କୁ ନୁହେଁ ଆମେ ଜେଜେ, ବଡ଼ବାବା, ଦାଦା ଯାହାକୁ ଦେଖୁଥିଲୁ ଡାକ ପକାଉଥିଲୁ ଇନ୍ଦ୍ରଧନୁ ଦେଖିବାକୁ। ପିଲାମାନେ ତ ଖୁସିରେ ଧାଇଁ ଆସୁଥିଲେ ଦେଖିବାକୁ। ହେଲେ ବଡ଼ମାନେ ଆକାଶର ଏଇ ବର୍ଣ୍ଣବିଭା ଦେଖି ଦେଖି ଅଭ୍ୟସ୍ତ ହୋଇଯାଇଥିଲେ ଯେମିତି। ଫଳରେ ବିରକ୍ତ ହୋଇ କହୁଥିଲେ କେଡ଼େ ପାଟି କରି ଡାକୁଚ କିରେ ? ଯାଅ ତମେସବୁ ଦେଖ। ପିଲାଦିନେ ଆମେ ଭାବୁଥିଲୁ ଇନ୍ଦ୍ରଧନୁ ହେଉଛି ଇନ୍ଦ୍ରଙ୍କର ଧନୁ। ଦେବତାଙ୍କ ଧନୁ ହେଇଥିବାରୁ ଏହା ଏତେ ବଡ଼। ଏବେ ସେଇ ପାହାଡ ଅଛି, ସେଇ ଗାଁ ଅଛି, ବଣ ଜଙ୍ଗଲ ଅଛି। କିନ୍ତୁ ନାହିଁ ସେଇ ଇନ୍ଦ୍ରଧନୁ। କାହିଁ କେବେଠାରୁ ତା'ର ଦର୍ଶନ ମିଳୁନି। ଲାଗୁଛି ସତେ ଯେମିତି ଆଧୁନିକତା ଆଳରେ ଢିଙ୍କି, ମାଟି ଚୁଲି, ଭାଗବତ ଟୁଙ୍ଗି ଆଦି ଯେମିତି ହଜି ଗଲାଣି ଓ ଦେଖିବାକୁ ମିଳୁଛି କେବଳ ସଂଗ୍ରହାଳୟରେ। ସେହିଭଳି ଇନ୍ଦ୍ରଧନୁକୁ ବି ଖୋଜିବାକୁ ପଡ଼ିବ କେଉଁ ଏକ ସଂଗ୍ରହାଳୟରେ। ଏବେ ତ ଯୁଆଡ଼େ ନଜର ବୁଲାଇବ କଂକ୍ରିଟ ଜଙ୍ଗଲ। ପରିବେଶ ପ୍ରଦୂଷଣ ଚରମ ସୀମାରେ। ତା' ଭିତରେ ଇନ୍ଦ୍ରଧନୁ ଦେଖାଯିବ ବା କେମିତି। ସେଥିପାଇଁ ଏବେ ପିଲାମାନେ ଇନ୍ଦ୍ରଧନୁ କ'ଣ ଜାଣୁନାହାନ୍ତି। ଇନ୍ଦ୍ରଧନୁ କେମିତିଆ ବୁଝାଇବା ପାଇଁ ତାଙ୍କୁ ଘରେ ପାଣି, ଦର୍ପଣ ଓ ଟର୍ଚ୍ଚ ବ୍ୟବହାର କରି କୃତ୍ରିମ ଇନ୍ଦ୍ରଧନୁ ସୃଷ୍ଟି କରି ବୁଝାଇବାକୁ ପଡୁଛି।

**କାହିଁକି ଦେଖାଯାଉ ନାହିଁ ଇନ୍ଦ୍ରଧନୁ– ପ୍ର. ରମେଶ ଚନ୍ଦ୍ର ପରିଡ଼ା**

ପ୍ରକୃତିର ଏକ ମନମୁଗ୍ଧକର ପରିପ୍ରକାଶ ହେଉଛି ଇନ୍ଦ୍ରଧନୁ। ସାଧାରଣତଃ ବର୍ଷା ହେବାର ଠିକ୍ ପରେ ପରେ କିମ୍ବା ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟର ବିପରୀତ ଦିଗରେ ଇନ୍ଦ୍ରଧନୁ ପ୍ରକଟିତ ହୋଇଥାଏ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହା ହେଉଛି ଏକ ଆଲୌକିକ ପରିଘଟଣା। ଆକାଶରେ କ୍ଷୁଦ୍ର କ୍ଷୁଦ୍ର ଜଳବିନ୍ଦୁମାନ ଭାସି ବୁଲୁଥିବାବେଳେ ତନ୍ମଧ୍ୟଦେଇ ସୂର୍ଯ୍ୟାଲୋକ ଗତିକଲେ ତାହା ବିଚ୍ଛୁରିତ ହେବା ଫଳରେ ସପ୍ତରଙ୍ଗଧାରଣ କରି ଆମକୁ ଦେଖାଦିଏ। ବେଳେବେଳେ ତହିଁରୁ ଦୁଇଟି ଏକ ସଙ୍ଗରେ ସୃଷ୍ଟି ହୋଇଥାଏ। ସେଥିରୁ ଉଜ୍ଜ୍ୱଳଟିକୁ ପ୍ରାଥମିକ ଓ ଅନୁଜ୍ଜ୍ୱଳଟିକୁ ଦ୍ୱିତୀୟକ ବୋଲି କୁହାଯାଏ। ପ୍ରାଥମିକ ଇନ୍ଦ୍ରଧନୁର ବାହାର ଅଂଶଟି ଲାଲ ହେଲାବେଳେ ଭିତର ଅଂଶଟି ବାଇଗଣୀ ହୋଇଥାଏ। ଏ ଦୁଇଟିର ମଝିରେ ଥାଏ ଘନନୀଳ, ନୀଳ,ସବୁଜ, ହଳଦିଆ ଓ ନାରଙ୍ଗୀ ଭଳି ବର୍ଣ୍ଣାଳୀର ଅନ୍ୟ ୫ଟି ରଙ୍ଗ। କିନ୍ତୁ ବୃହତ୍ତର ହୋଇଥିବା ଦ୍ୱିତୀୟକ ଇନ୍ଦ୍ରଧନୁରେ ଏହିକ୍ରମ ଠିକ୍ ଓଲଟା ହୋଇଥାଏ।

**ଇନ୍ଦ୍ରଧନୁ ଦୃଶ୍ୟମାନ ହେବାର ନ ଥାଏ କିଛି ନିର୍ଦ୍ଦିଷ୍ଟ ଦୂରତା:** ବଡ଼ ବିଚିତ୍ରକଥା ଯେ, ଇନ୍ଦ୍ରଧନୁ ଦର୍ଶକଠାରୁ କୌଣସି ନିର୍ଦ୍ଦିଷ୍ଟ ଦୂରତାରେ ଅବସ୍ଥିତ ହୋଇ ନ ଥାଏ। ଯେପରିକି ଦିଗବଳୟ। ତେଣୁ ତା'ର ଦୂରତ୍ୱ ମାପିବା ସମ୍ଭବ ନୁହେଁ। ଏହା ଏକ ଆଲୋକୀୟ ଭ୍ରାନ୍ତି। ଯାହାକି ସୂର୍ଯ୍ୟାଲୋକ ଦିଗର ୪୩ ଡିଗ୍ରୀ କୋଣରେ ଥିବା ବାୟୁମଣ୍ଡଳରେ ଭାସମାନ ଯେ କୌଣସି ସୂକ୍ଷ୍ମ ଜଳବିନ୍ଦୁ ଦ୍ୱାରା ଉତ୍ପନ୍ନ ହୋଇପାରିବ। ଏଣୁ କୁହୁଡ଼ି, ଶିଶିର, ଆକାଶରୁ ଖସୁଥିବା ବରଫ ଇତ୍ୟାଦି ମଧ୍ୟ ଇନ୍ଦ୍ରଧନୁ ସୃଷ୍ଟି କରିପାରିବେ। ତେଣୁ ତାହା ଜଳପ୍ରପାତ ଓ ଝରଣା ନିକଟରେ ମଧ୍ୟଦେଖାଯାଏ।

**ଇନ୍ଦ୍ରଧନୁର ପ୍ରକାର:** ଇନ୍ଦ୍ରଧନୁ ନାନା ପ୍ରକାରର ହୋଇପାରେ। ଯେମିତିକି–

୧. **ଯମଜ ଇନ୍ଦ୍ରଧନୁ–** ମେଘରୂପେ ଆକାଶରୁ ଖସୁଥିବା ଅଲଗା ଅଲଗା ଆକାରର ଜଳବିନ୍ଦୁ ଦ୍ୱାରା ଏହା ସୃଷ୍ଟି ହୋଇଥାଏ। ଏହା ଦୁଇଟି ଅର୍ଦ୍ଧ ଗୋଲାକାର ରୂପ ନେଇ ଗୋଟିଏ ପୃଷ୍ଠଭୂମିରୁ ବାହାରି ବିଭାଜିତ ହୋଇ ଅଲଗା ଅଲଗା ହୋଇଥାନ୍ତି। ଏଗୁଡ଼ିକର ବର୍ଣ୍ଣାଳୀରେ ଥିବା ରଙ୍ଗଗୁଡ଼ିକ ପ୍ରାଥମିକ ଇନ୍ଦ୍ରଧନୁ କ୍ରମାନୁସାରେ ହୋଇଥାଏ।

**ବୃତ୍ତାକାର ଇନ୍ଦ୍ରଧନୁ–** ସାଧାରଣତଃ ସବୁ ଇନ୍ଦ୍ରଧନୁ ବୃତ୍ତାକାର। ତେବେ ଭୂପୃଷ୍ଠରୁ ଆମେ କେବଳ ଏହାର ଅର୍ଦ୍ଧାଂଶ ଦେଖିପାରୁ। ଏହା ସମ୍ପୂର୍ଣ୍ଣ ଦୃଶ୍ୟମାନ ହେବାକୁ ହେଲେ ଦର୍ଶକ ଦେଖୁଥିବା ଦିଗ୍‌ବଳୟର ତଳକୁ ଥିବା ସୂକ୍ଷ୍ମ ଜଳକଣା ଉପରେ ସୂର୍ଯ୍ୟାଲୋକ ପତିତ ହେବାର ଦର୍ଶକଙ୍କୁ ଦେଖାଯିବା ଦରକାର। ଭୂମିପୃଷ୍ଠରେ ଠିଆ ହୋଇଥିବା ଅବସ୍ଥାରେ ଏହାକୁ ଦେଖିବା ସମ୍ଭବ ନୁହେଁ। ତେବେ ଉଡ଼ାଜାହାଜରୁ ଏହାର ବୃତ୍ତାକାର ରୂପ ଦେଖି ହେବ।

**ପ୍ରତିଫଳିତ ଇନ୍ଦ୍ରଧନୁ–** ଏହା ଦୁଇଟି ଉପାୟରେ ହୋଇପାରେ। ତହିଁରୁ ପ୍ରଥମଟି ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ସୂର୍ଯ୍ୟାଲୋକ ପ୍ରଥମେ ବର୍ଷାବିନ୍ଦୁମାନଙ୍କ ଦ୍ୱାରା ବିକ୍ଷେପିତ ହୋଇ ଏକ ଜଳାଶୟରେ ପଡ଼େ ଏବଂ ସେଠାରୁ ପ୍ରତିଫଳିତ ହୋଇ ଦର୍ଶକ ପାଖରେ ପହଞ୍ଚେ। ଅନ୍ୟଟି ଠିକ୍ ତା'ର ଓଲଟା । ଏଥିରେ ସୂର୍ଯ୍ୟାଲୋକ ବର୍ଷାଜଳ ବିନ୍ଦୁରେ ପହଞ୍ଚିବା ପୂର୍ବରୁ ଏକ ବୃହତ୍ ଜଳାଶୟରେ ପ୍ରତିଫଳିତ ହୋଇଥାଏ। ଏ ଉଭୟ ଦିଗ୍‌ବଳୟର ଉପରେ ଦେଖାଯାନ୍ତି ଏବଂ ସାଧାରଣ ଇନ୍ଦ୍ରଧନୁକୁ ଦିଗ୍‌ବଳୟଠାରେ କାଟି ଉପରକୁ ଉଠିଥାନ୍ତି।

**ଚନ୍ଦ୍ର ଇନ୍ଦ୍ରଧନୁ–** ସୂର୍ଯ୍ୟାଲୋକ ଭଳି ଚନ୍ଦ୍ରାଲୋକ ମଧ୍ୟ ଇନ୍ଦ୍ରଧନୁ ସୃଷ୍ଟି କରିପାରେ। ତେବେ ତାହା ଟିକେ ଅସ୍ପଷ୍ଟ ଏବଂ ଅଧିକାଂଶ ସମୟରେ ଧଳା ହୋଇଥାଏ।

ଏସବୁ ବ୍ୟତୀତ ଆହୁରି ମଧ୍ୟ ଅନେକ ପ୍ରକାରର ଇନ୍ଦ୍ରଧନୁ ରହିଛି। ତେବେ ସେଗୁଡ଼ିକ କ୍ୱଚିତ ଦେଖାଯାଏ।

**ଇନ୍ଦ୍ରଧନୁ ନ ଦେଖାଯିବାର କାରଣ–** ପ୍ରଦୂଷଣ ହେଉଛି ଇନ୍ଦ୍ରଧନୁ ନ ଦେଖାଯିବାର ମୁଖ୍ୟ କାରଣ। ଅର୍ଥାତ୍ ବାୟୁମଣ୍ଡଳରେ ଅଧିକ ମାତ୍ରାରେ ଧୂଆଁ, ଧୂଳିକଣା ରହିବା ଯୋଗୁ ଏବେ ଇନ୍ଦ୍ରଧନୁ ସୃଷ୍ଟି ହେବାରେ ବାଧା ଉପୁଜୁଛି। ଯେଉଁଠି ବାୟୁମଣ୍ଡଳ ନିର୍ମଳ ସେଇଠି ଦେଖାଯାଉଛି ଇନ୍ଦ୍ରଧନୁ।

ପରିବର୍ତ୍ତନ ଓ ଆଧୁନିକତାର ଆଳରେ ଏବେ ପ୍ରଦୂଷିତ ହେବାରେ ଲାଗିଛି ପରିବେଶ। ଆଉ ଏହି ପ୍ରଦୂଷଣ ଲାଗି ଲୋପ ପାଇଗଲାଣି ପ୍ରକୃତିର ଅନେକ ସୁନ୍ଦର ସୃଷ୍ଟିର ସତ୍ତା। ଏହି ଧାରାରେ ଏବେ ଇନ୍ଦ୍ରଧନୁ ବି ସାମିଲ ହୋଇଯାଇଛି। ଯଦି ହଜିଯାଏ ଏହାର ସତ୍ତା, ତେବେ ଆମ ଆଗାମୀ ପିଢ଼ି ପାଇଁ ଏହା କେବଳ ଏକ ପରୀ କାହାଣୀ ହୋଇ ରହିଯିବ।

–ଶିବାନୀ ମହାନ୍ତି



# ଭାଇ ଭଉଣୀଙ୍କ ମ୍ୟାଚିଂ ଟି-ଶାର୍ଟ




**କୁଲ୍ କମ୍ଫଟେବଲ୍ ଲୁକ୍ ଦିଏ ଟି-ଶାର୍ଟ। ଯେ କୌଣସି ଅକେଜନ୍ ହେଉନା କାହିଁକି ଜିନ୍ସ ଟି-ଶାର୍ଟ ପିନ୍ଧି ଖୁବ୍ କମ୍ ସମୟରେ ନିଜକୁ ପ୍ରସ୍ତୁତ କରିହୁଏ। ସେଥିପାଇଁ ଉଭୟ ଯୁବତୀଯୁବକଙ୍କର ଏହା ଭାରି ପ୍ରିୟ। ଖାସ୍ ଏହାକୁ ହିଁ ଲକ୍ଷ୍ୟ କରି ରାଖୀ ଭଳି ବିଶେଷ ଅବସରରେ ଉଭୟ ଭାଇଭଉଣୀ ପିନ୍ଧି ପାରିଲା ପରି କିଛି ମ୍ୟାଚିଂ ଟି-ଶାର୍ଟ ଏବେ ଆସିଲାଣି; ଯାହା ଦେଖିବାକୁ ଟ୍ରେଣ୍ଡି ଲାଗିବା ସହ ଏଥିରେ ଥିବା ପ୍ରିଣ୍ଟ କିଛି ବାର୍ତ୍ତା ଦେଇଥାଏ...**




**✲ ବ୍ରଦର ସିଷ୍ଟର ଟି-ଶାର୍ଟ:** ଖାଲି ବ୍ରଦର ସିଷ୍ଟର ଲେଖା ହୋଇଥିବା ଟି-ଶାର୍ଟକୁ ବି ରାଖୀ ଦିନ ପିନ୍ଧି ଭାଇଭଉଣୀ ସୁନ୍ଦର ଦେଖାଯିବା ସହ ପରସ୍ପର ପ୍ରତି ଥିବା ଭଲପାଇବା ଓ ଶ୍ରଦ୍ଧାକୁ ନିଆରା ଭାବେ ପ୍ରକାଶ କରିପାରିବେ।

**✲ ସିସ୍ ନଂ ୧ – ବ୍ରୋ ନଂ ୧:** ରାଖୀ ଅବସରରେ ଉଭୟ ଭଉଣୀଭାଇ ଏଭଳି ଟ୍ୟାଗ୍ ଲାଇନ୍ ଥିବା ଟି-ଶାର୍ଟ ପିନ୍ଧି ନିଜକୁ ଖାସ୍ ଲୁକ୍ ଦେଇପାରିବେ ଆଉ ଫଟୋ ଉଠାଇ ଏହି ଖୁସିର ମୁହୂର୍ତ୍ତକୁ ସବୁଦିନ ପାଇଁ ନିଜ ପାଖେ ସାଇତି ରଖିପାରିବେ। କେବଳ ରାଖୀ କାହିଁକି ଅନ୍ୟ ଯେ କୌଣସି ସମୟରେ ବି ଭାଇଭଉଣୀ ଏହି ଟି-ଶାର୍ଟକୁ ଆରାମରେ କ୍ୟାରି କରିବାରେ କିଛି ଅସୁବିଧା ନାହିଁ।

**✲ ଆଇ ଲଭ୍ ମାଇଁ ସିଷ୍ଟର– ଆଇ ଲଭ୍ ମାଇଁ ବ୍ରଦର:** ଉଭଣୀଭାଇଙ୍କ ଭିତରେ ଥିବା ସ୍ନେହଭରା ଭଲପାଇବାର ସତରେ ତୁଳନା ନାହିଁ। ମୁହଁରେ ପ୍ରକାଶ କରି ନ ପାରିଲେ ବି ବିପଦ ଆପଦବେଳେ ଭଉଣୀଟିଏ ଭାଇ ପାଇଁ କିମ୍ବା ଭାଇଟିଏ ଭଉଣୀପାଇଁ ସାହାର ହୋଇ ଠିଆ ହୋଇଥାଏ। ଏହା ହିଁ ତ ପ୍ରକୃତ ଭଲ ପାଇବା। ତେଣୁ ନିଜ ପ୍ରିୟ ଭାଇ କିମ୍ବା ଭଉଣୀକୁ ରାଖୀ ଅବସରରେ ଏଭଳି ଟ୍ୟାଗ୍ ଲାଇନ୍ ଥିବା ଟି-ଶାର୍ଟ ଗିଫ୍ଟ କରି ନିଆରା ଖୁସିକୁ ସାଉଁଟିପାରିବେ।

**✲ ଆଇ ହାଭ୍ ବେଷ୍ଟ ସିଷ୍ଟର– ଆଇ ହାଭ୍ ବେଷ୍ଟ ବ୍ରଦର:** ଏଭଳି ଟ୍ୟାଗ୍ ଲାଇନ୍ ଥିବା ଟି-ଶାର୍ଟ ବି ଭଉଣୀଭାଇଙ୍କର ନିଆରା ଭଲ ପାଇବାକୁ ଦର୍ଶାଇଥାଏ। ତେଣୁ ରାଖୀ ହେଉ ଅଥବା ଅନ୍ୟ ଯେ କୌଣସି ସମୟରେ ଭଉଣୀଭାଇ ଚାହିଁଲେ ଏଭଳି ଟ୍ୟାଗ୍ ଲାଇନ୍ ଥିବା ଟି-ଶାର୍ଟ ପିନ୍ଧି ପରସ୍ପର ପ୍ରତି ଥିବା ଭଲ ପାଇବା ଓ ଦାୟିତ୍ୱବୋଧକୁ ପରିପ୍ରକାଶ କରିପାରିବେ।

✲ ଏସବୁ ବ୍ୟତୀତ ଆହୁରି ଅନେକ ମନକୁ ଛୁଇଁଗଲା ଭଳି ଟ୍ୟାଗ୍ ଲାଇନ୍ ଥିବା ଭଉଣୀଭାଇଙ୍କ ମ୍ୟାଚିଂ ଟି-ଶାର୍ଟ ବି ମିଳୁଛି। ଯେମିତିକି 'ୱାର୍ଲ୍ଡସ୍ ବେଷ୍ଟ ବ୍ରୋ-ସିସ୍', 'ୱାର୍ଲ୍ଡ ଗ୍ରେଟେଷ୍ଟ ବ୍ରଦର ଏଭର୍– ୱାର୍ଲ୍ଡ ଗ୍ରେଟେଷ୍ଟ ସିଷ୍ଟର ଏଭର୍', 'ବେଷ୍ଟ ସିଷ୍ଟର-ବେଷ୍ଟ ବ୍ରଦର୍, 'ଫୁଲ୍ ରେସ୍‌ପେକ୍ଟ ଭାଇ– ଫୁଲ୍ ରେସ୍‌ପେକ୍ଟ ବେହେନ', 'କୁଲ୍ ଭାଇ କି କ୍ୟୁଟ୍ ବେହେନ୍– କ୍ୟୁଟ୍ ବେହେନ କି କୁଲ୍ ଭାଇ', 'ଫୁଲୋ କା ତାରୋ କା ସବ୍‌କା କେହେନା ହୈ– ଏକ୍ ହଜାରୋ ମେ ମେରି ବେହେନା ହୈ', 'ବେଷ୍ଟ ବ୍ରଦର୍ ଏଭର୍– ବେଷ୍ଟ ସିଷ୍ଟର୍ ଏଭର୍' ଇତ୍ୟାଦି ଅନ୍ୟତମ।

✲ ଅନ୍ୟପକ୍ଷେ ଭଲପାଇବା ସତ୍ତ୍ୱେ ବି ବେଳେବେଳେ ଭାଇଭଉଣୀ ପରସ୍ପରକୁ ଚିଡ଼ାଇଥାନ୍ତି। ଏମିତି କ୍ଷେତ୍ରରେ ଭାଇଭଉଣୀକୁ ସୁହାଇଲା ଭଳି କିଛି କୌତୁକିଆ ଟ୍ୟାଗ୍ ଲାଇନ୍ ଥିବା ମ୍ୟାଚିଂ ଟି-ଶାର୍ଟ ବି ଏବେ ମିଳୁଛି। ଯେମିତିକି: 'ଆଇ ଲଭ୍ ମାଇଁ ସିଷ୍ଟର– ବ୍ରଦର୍ ଫର୍ ସେଲ୍', 'ବ୍ରଦର: ଆଇ ମେକ୍ ଦ ରୁଲ୍ସ– ସିଷ୍ଟର: ଆଉ ବ୍ରେକ୍ ଦ ରୁଲ୍ସ', 'ମାଇଁ ସିସ୍ ହାଜ୍ ଦ ବେଷ୍ଟ ବ୍ରଦର ଇନ୍ ଦ ୱାର୍ଲ୍ଡ– ମାଇଁ ବ୍ରଦର ହାଜ୍ ଦ ବେଷ୍ଟ ସିଷ୍ଟର ଇନ୍ ଦ ୱାର୍ଲ୍ଡ' ଇତ୍ୟାଦି ପ୍ରମୁଖ।

ଭଉଣୀଭାଇଙ୍କ ପାଇଁ ଉପଲବ୍ଧ ଏହି ଟି-ଶାର୍ଟଗୁଡ଼ିକରେ ଲେଖାଥିବା ଟ୍ୟାଗ୍ ଲାଇନ୍ ଯେତିକି ମନଛୁଆଁ ହୋଇଥାଏ ସେତିକି ଭାବାର୍ଥ ମଧ୍ୟ ଏଥିରେ ଭରି ରହିଥାଏ। କେବଳ ଏହାକୁ ବୁଝି ପାରିଲା ଭଳି ସରଳ ମନଟିଏର ଆବଶ୍ୟକତା ରହିଛି। ଆଉ ସବୁଠୁ ବଡ଼ କଥା ହେଉଛି ଏହି ଟି-ଶାର୍ଟଗୁଡ଼ିକ କେବଳ ବଡ଼ଙ୍କ ପାଇଁ ନୁହେଁ ଛୋଟଛୋଟ ଭଉଣୀଭାଇଙ୍କ ପାଇଁ ବି ଉପଲବ୍ଧ।



# ଭେଟିଥିବା ଚରିତ୍ରଙ୍କୁ ଗଳ୍ପରେ ସ୍ଥାନ ଦେଇଛି



ଏକାଧାରରେ ସେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ଗୀତିକବି, ଅନୁବାଦକ। ଏମିତିରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଦୀର୍ଘ ଚାରି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ସେ ରଚନା କରିଛନ୍ତି ଶତାଧିକ ଗଳ୍ପ, ଡାଏରି ଗଳ୍ପ, କବିତା, ଗୀତି କବିତା, ଉପନ୍ୟାସ, ପ୍ରବନ୍ଧ । ଇଂଲିଶ, ହିନ୍ଦୀ, ବଙ୍ଗଳା ଓ ଜାପାନୀ ଭାଷାରେ ଅନୁଦିତ ଅନେକ ଗଳ୍ପ, ଗୀତିକବିତା । ତାଙ୍କର ସୃଜନଶୀଳତାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ବହୁ ସ୍ୱୀକୃତି ଓ ସମ୍ମାନ। ପେସାରେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ହୋଇଥିବାବେଳେ ନିଶା କିନ୍ତୁ ତାଙ୍କର ସାହିତ୍ୟ ସାଧନା। ସେ ହେଲେ **ଡ. ସୁରେଶ ଛୋଟରାୟ**। ଜନ୍ମ ୧୯୫୮ ମସିହା। ମାତା ପୂର୍ଣ୍ଣିମା ଦେବୀ ଓ ପିତା ସ୍ୱର୍ଗତ ଦେବରାଜ ଛୋଟରାୟ। ଘର ଖୋର୍ଦ୍ଧା ଜିଲା, ବୋଲଗଡ ବ୍ଳକର ପାଟବନ୍ଧ ଗ୍ରାମରେ । ସେ କୁହନ୍ତି, 'ପିଲାଦିନେ ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷାସାରି ମାମୁଘର ଗାଁ ସଂପୁର ଚାଲିଆସିଲି। ଏଠି ବଡ଼ଭାଇ ଥିଲେ ପ୍ରଧାନ ଶିକ୍ଷକ, ତାଙ୍କ ତତ୍ତ୍ୱାବଧାନରେ କଳାଙ୍ଗ ହାଇସ୍କୁଲ ଏବଂ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢିଲି। କିନ୍ତୁ ମୋ ଗାଁର ପ୍ରାକୃତିକ ପରିବେଶଠାରୁ ମାମୁଘର ଗାଁ ଥିଲା ସମ୍ପୂର୍ଣ୍ଣ ନିଆରା । ସେଇଠି ଭେଟିଲି ଥୋକେ ଜୀବନ ଜିଇବାକୁ ସଂଘର୍ଷ କରୁଥିବା ମେହନତି ଭୋକିଲା ମଣିଷମାନଙ୍କୁ । ଯାହା ମୋ ମନକୁ ଆନ୍ଦୋଳିତ କରିଥିଲା। ମାମୁଘର ଗାଁରେ ମୋର ଶୈଶବ କଟିଛି। କୈଶୋର ଜୀବନରେ ମୋ ବୋଉ ମୋ ମନରେ ଆଙ୍କିଥିବା ମଣିଷର ସୁଖ, ଦୁଃଖର ଛବି ମୋତେ ଗଳ୍ପ ଆଡ଼କୁ ହାତଧରି ନେଇଆସିଲା। ମୁଁ ଅନିସନ୍ଧିତ୍ସୁ ମନ ନେଇ ଖୋଜିଲି ସେଇ ମଣିଷମାନଙ୍କୁ ଗଳ୍ପରେ, ଯାହା ମୋତେ ବାଧ୍ୟକଲା ଲେଖିବାକୁ। ଆଉ ସେ ସବୁ ଉତୁରି ଆସିଲା କାଗଜର କାନ୍‌ଭାସରେ। ସେମିତି ଆକାଶବାଣୀ ଶିଶୁ ବିଭାଗରେ ମୋର ଏକ କବିତା ପ୍ରଚାରିତ ହେବାପରେ ଆଉ କିଛି କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା। ମାତ୍ର ମୋତେ ତାହା ସନ୍ତୋଷ ଦେଇପାରିଲାନି । କାରଣ ସେଇ ମେହନତି ମଣିଷଙ୍କ ଛବିକୁ ମୁଁ ମୋ କବିତାରେ ସ୍ଥାନିତ କରିପାରୁ ନ ଥିଲି । ମୋତେ ଲାଗୁଥିଲା କବିତା ଯେପରି ଗୋଟେ ଧନୀଘରର ଝିଅ, ଆଉ ମୁଁ ତଳ ପାହାଚର ଦରିଦ୍ର ଅଛବଟେ । ତଥାପି ମୁଁ ତାକୁ ଭଲପାଏ । କବିତା ପ୍ରେମରେ ଉବୁଟୁବୁ ସମୟରେ କୂଳକିନାରା ପାଉ ନ ଥିବା ବେଳେ ହଠାତ୍ ଜଣେ ସମ୍ପାଦକଙ୍କ ଠାରୁ ଗଳ୍ପ ପାଇଁ ଅନୁରୋଧ ପତ୍ରଟି ପାଇ ମୋ ମନରେ ନୂଆ ପତ୍ର କଅଁଳିଥିଲା। ଆଉ ସେଇଠୁ ଖାଲି ଗଳ୍ପ ହିଁ ଗଳ୍ପ। ହେଲେ ମାଟ୍ରିକ ପରେ ମୋର ପ୍ରଥମ ଗଳ୍ପ ମୁଦ୍ରିତ ହୋଇ ପତ୍ରିକାରେ ସ୍ଥାନ ପାଇବା ପରେ ମୋ ମନୋବଳ ଦୃଢ ହେଲା। ଏମିତି ଲେଖାଲେଖି ସହିତ ପାଠପଢ଼ା ଚାଲିଥାଏ। ବି.ଏ. ଫାଇନାଲ ବେଳକୁ ମୋର ପ୍ରଥମ ଉପନ୍ୟାସ 'ପୂଜାଫୁଲ' ଲେଖା ସରିଥିଲା । ଗଳ୍ପ 'ମୋ ଶବ' ଭୁବନେଶ୍ୱର ପୁସ୍ତକ ମେଳା ଦ୍ୱିତୀୟ ବର୍ଷ 'ସ୍ୱର୍ଗତ ରବି ପଟ୍ଟନାୟକ ସ୍ମୃତି ପୁରସ୍କାର' ପାଇବାରେ ମୋ ପାଇଁ ଆଣିଦେଇଥିଲା ଅଜସ୍ର ଶ୍ରଦ୍ଧା, ଖ୍ୟାତି ଓ ସମ୍ମାନ । ପରେ ପରେ ମୟୂରଭଞ୍ଜ ବହିମେଳା ପୁରସ୍କାର, ପ୍ରଜାତନ୍ତ୍ରର ବିଷୁବ ପୁରସ୍କାର, ଭାରତ ଭାରତୀ ଗଳ୍ପ ପୁରସ୍କାର ଓ ଅନେକ ସମ୍ମାନ ସମ୍ବର୍ଦ୍ଧନା ମିଳିଛି। ଓଡ଼ିଶା ପ୍ରଶାସନିକ ସେବାର ବ୍ୟସ୍ତବହୁଳ କାର୍ଯ୍ୟରେ ରହିଥିବାବେଳେ । ମୋ ଜୀବନ ଭିତରେ ମୁଁ ମାମୁଘର ଗାଁରେ ଦେଖିଥିବା ସେଇ ମଣିଷମାନଙ୍କୁ ଭେଟିଛି। ସେମାନେ ଭୋଗୁଥିବା ଜୀବନକୁ ଖୁବ୍ ନିକଟରୁ ଦେଖିଛି । ସେହି ଚରିତ୍ରମାନଙ୍କ ସହିତ ସୁଖ ଦୁଃଖକୁ ବାଣ୍ଟିଛି । ଯେମିତିକି ନିରୀହ ସରଳ ଆଦିବାସୀ ଝିଅ ସୁନା ସାହସକରି କହିଛି, 'ବାବୁ ଆମ ଗାଁ ନୋକ କହିଥିଲେ, ବାବୁକୁ ପାନଖିଆ ନ ଦେଲେ 'ଇନ୍ଦିରାଘର' ମିଳିବନି ।' ବାସ୍,ଏଇ ସରଳ ନିରୀହ ଆଦିବାସୀ ଝିଅଟିର ନିଷ୍କପଟ ହୃଦୟର ପଦିଏ ସତକଥା ଜୀବନରେ ଗୋଟ ଦାଗ ଆଙ୍କିବାକୁ ସକ୍ଷମ ହୋଇଛି। ସେମିତି ମାଲକାନଗିରିର କୋୟା ଝିଅ ସାନିଆ କହିଛି– ସହରକୁ ଯିଏ ଯାଏ ସେ ଆଉ ଫେରେନି କିମ୍ବା ବଣ୍ଡା ପାହାଡ଼ରେ ଜଳୁଥିବା ବଣ୍ଡା ଲଳନାର ଚିତ୍ର ଅଥବା କୋବଲମ ସମୁଦ୍ରକୂଳରେ ବିଦେଶିନୀର ନଗ୍ନତାକୁ ନେଇ ପ୍ରଶ୍ନ ଓ ମୋ ଚାରିପାଖର ଘଟଣା, ଚରିତ୍ର ମୋ ଗଳ୍ପକୁ ଅଧିକରୁ ଅଧିକ ଲୋକପ୍ରିୟ କରିଛି । ସେହିପରି ଗୋବରୀ ନଦୀ ପାରିହେବାକୁ ଗରିବ ବୁଢ଼ାଲୋକଟିକୁ କୋଡିଏ ଟଙ୍କା ଯାଚିବାରୁ ସେ ନାପସନ୍ଦ କରି କହିଛି, ଆମ ଅଞ୍ଚଳରେ ତୁ ବାବୁ ଅଛୁ, ଆମେ ତୋର ସୁଖ ଦୁଃଖ ଦେଖିବୁ। ତୁମେ କାହିଁକି ଟଙ୍କା ଦେବ ବରଂ ମୁଁ ଆଜିଗଲେ ଘାଟିଆ ବାକି ଖାତାରେ ଲେଖି ଆର ଥରକୁ ପଇଠ କରିଦେବି। ଏମିତି ଅନେକ ସୁଖ ଦୁଃଖର ଜୀବନକୁ ନେଇ ଅଙ୍ଗେନିଭା କାହାଣୀକୁ ନେଇ ଗଢା ମୋ ଗଳ୍ପ କୋଣାର୍କ। ସେଗୁଡ଼ିକ ଭିତରେ ଅଛି ଗଳ୍ପ ସଂକଳନ, ମୋ ଶବ ଓ ଅନ୍ୟାନ୍ୟ ଗଳ୍ପ, ସମୟର ସ୍ୱପ୍ନ, ନିଜେ ନିଜ ସାମ୍ନାରେ, ସ୍ୱପ୍ନ ଖୋଜା ମଣିଷ, ନୀଳ ଆଖିର ମାୟା, ଦୁଃଖ ସୁଖର ଦୃଶ୍ୟ, ଡାଏରି ଗଳ୍ପ, ବାଟବଣା ବାଟୋଇର ଚମ୍ପୁ, ପାପୁଲିଏ ଖୁସି, ସପନର ପଥେପଥେ, ମୁଠାଏ ପ୍ରଜାପତିର ଡେଣା, ଯେତେସବୁ ଗୋପନୀୟ, ଚଇତି ସଞ୍ଜର କଥା, ସୁରେଶ ଛୋଟରାୟଙ୍କ ଶ୍ରେଷ୍ଠ ଗଳ୍ପ, ସୁରେଶଙ୍କ କଥା କାହାଣୀ (ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ), ଗୋଟିଏ ଇଂଲିଶ ଓ ହିନ୍ଦୀ ଗଳ୍ପ ସଂକଳନ । ଉପନ୍ୟାସ – ପୂଜାଫୁଲ, ଅରଣ୍ୟେ ଅଜଗର ପ୍ରାୟେ, ମହାନାୟକ, ନିବନ୍ଧ– ବୀଣାପାଣି ଗଳ୍ପମାନସ ଓ ଗୋଟିଏ ଗଳ୍ପର ଚଳଚ୍ଚିତ୍ର ରୂପାୟନ । ତେବେ ପ୍ରଶାସନିକ ସେବାରେ ଯୋଗ ଦେବା ପୂର୍ବରୁ ଓଡ଼ିଆ ସାହିତ୍ୟରେ ଗବେଷଣା କାର୍ଯ୍ୟ ଚାଲୁ ରଖିଥିଲି। ଭଞ୍ଜନଗରରେ ରେଭିନ୍ୟୁ ଅଫିସର, ପୁରୁଷୋତ୍ତମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସଚିବାଳୟରେ ଲ୍ୟାଣ୍ଡ ଅଫିସର, ପୁରୀ ଜିଲାରେ ତହସିଲଦାର ରୂପେ କାର୍ଯ୍ୟ କରିଥିଲି। ବୌଦ୍ଧ, କେନ୍ଦ୍ରାପଡ଼ା ଏବଂ ମାଲକାନଗିରିରେ ଉପଜିଲାପାଳ ଭାବେ କାର୍ଯ୍ୟ କରିବା ସମୟରେ ଆଦିବାସୀ ଜନ ଜୀବନ ସହିତ ନିଜକୁ ଜଡିତ କରି ବହୁଗବେଷଣା କାର୍ଯ୍ୟ କରିଛି। ମୟୂରଭଞ୍ଜ, କେନ୍ଦୁଝରରେ ରହଣି ସମୟରେ ସେଇ ଗବେଷଣା ଶେଷ କରିବା ସହ ସାନ୍ତାଳୀ ଭାଷା ଶିକ୍ଷା ଓ ପଢ଼ିବା ସହିତ ମୋ ଗଳ୍ପ ଏବଂ ଉପନ୍ୟାସର ସମୃଦ୍ଧି ଘଟିଥିଲା। ସେତେବେଳେ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଥିଲି, ସେଠିକାର ଭାଷା ସହିତ ସହଜରେ ନିଜକୁ ସାମିଲ କରି ଶିକ୍ଷା ଲାଭକରିଛି। ସେଇଠି ଭେଟିଛି ଗଳ୍ପର ଚରିତ୍ରଗୁଡ଼ିକୁ ଏବଂ ସେଗୁଡ଼ିକୁ ସଠିକ ରୂପ ସୃଜନରେ ସ୍ଥାନ ଦେଇପାରିଛି।

–ବନବିହାରୀ
















# ନିଷ୍ପତ୍ତି

**–ଘନଶ୍ୟାମ ପଲେଇ**

**ଆ**ଜି ବି ସରିଯାଇଥିଲା ଝିଅ ଦେଖା ପର୍ବ। ପୁଅ ଘରବାଲା ଗଲେଣି କେତେବେଳୁ। ଝିଅଘର ଲୋକେ ବସି କରୁଥିଲେ ବିଚାରବିମର୍ଶ। ବାହାରୁ ପାଠ ପଢ଼ି ନିଜ ଜମିରେ ପିଲାଟି ଫାର୍ମ ଗୋଟେ କରିଛି । କିଛି ଲୋକ ତା' ଅଧୀନରେ କାମ କରୁଛନ୍ତି। ମାଆବାପାଙ୍କର ଗୋଟିଏ ବୋଲି ପୁଅ। ପିଲାଟି ଦେଖିବାକୁ ଭଲ । ଚଳିବାକୁ ଆହୁରି ଭଲ । ବର୍ତ୍ତମାନ ଯୁଗରେ ବଡ଼ କଥା ଯାହା ସେଇଟା ହେଲା ପିଆପିଇ କରେନା ପୁଅଟି।

ଅନ୍ୟ ରୁମ୍‌ର କବାଟ କୋଣରୁ ସବୁ ଶୁଣୁଥିଲା ନନ୍ଦିନୀ। ଭାବୁଥିଲା ବନ୍ଦ କରିବାକୁ ହେବ ଝିଅ ଦେଖା ନାଟକ। କେତେଦିନ ସେ କରିବ ସେଇ ସମାନ ବାହାନା। ବରଂ ସିଧାସିଧା କହିଦେବ – ସେ ଖୋଜି ସାରିଛି ତା' ମନ ପସନ୍ଦର ପିଲା। ବାହା ହେବ ଯଦି ତାକୁ ହିଁ ବାହାହେବ। ଆଉ ସାହିର ସୀମାଦିଦି ପରି ବାହାହୋଇ ରହିବ ବିନ୍ଦାସ। ଖୁଣିବାକୁ, ନିନ୍ଦିବାକୁ ସ୍ୱାମୀ ବ୍ୟତିରେକେ କେହି ନାହାନ୍ତି ଘରେ ।

କିଛି ସମୟ ପରେ ବଡ଼ଭାଇ ଡକେଇ ପଠେଇଲେ ନନ୍ଦିନୀକୁ । ଟିକିଏ ହଡ଼ବଡ଼େଇ ଗଲା ନନ୍ଦିନୀ। ଅବଶ୍ୟମ୍ଭାବୀ ଯୁଦ୍ଧ ପାଇଁ ପ୍ରସ୍ତୁତି କଲା ସେ । ଆଜି ଖୋଲି କହି ଦେବ ସବୁ। ସାପୁଆ କେଲାର ପେଡ଼ିରେ ରହି ତା'ର ଅଶାନ୍ତିର ସାପ ଫଁ ଫଁ ହେବା ଅପେକ୍ଷା ବାହାରର ମୁକ୍ତ ପବନ ବାଜିଲେ ଭଲ। ଯାହା ହେଉ ପଛେ ସେ ଜିଇବ ଏକ ଖୋଲାମେଲା ଜୀବନ।

ସମସ୍ତଙ୍କ ସାମ୍ନାରେ ଛିଡ଼ା ହେଲା ଯାଇ। କିଛି କହିବାକୁ ସାହସ ସଞ୍ଚୟ କଲା ବେଳେ ମାଆ ତାଙ୍କ ପାଖରେ ବସିବାକୁ କହିଲେ। କିଏ କିଛି ପଚାରିବା ଆଗରୁ ବଡ଼ଭାଇ ମୁରବି ସୁଲଭ ସ୍ନେହରେ କହିଲେ, ଆମ ନନ୍ଦିନୀର ନିଷ୍ପତ୍ତି... ଶେଷ ନିଷ୍ପତ୍ତି। ତା' ଭବିଷ୍ୟତ କଥା ସେ ବିଚାର କରୁ । ନନ୍ଦିନୀ ଆମ ବିଶ୍ୱାସ। ସେ କେବେ ଭୁଲ୍ ନିଷ୍ପତ୍ତି ନେବନି ।

ନନ୍ଦିନୀକୁ ଚାହିଁ ପୁଣି କହିଲେ --- ତୁ ଯଦି ରାଜି ହେବୁ ତ ଏଇଠି ହେବ ବାହାଘର। ଆମକୁ ପ୍ରସ୍ତାବ ଭଲ ଲାଗୁଚି ମାନେ ନୁହେଁ ତୋତେ ଭଲ ଲାଗିବ । ତୁ ମନା କଲେ ବାହାଘର ହେବନି ।

କହିପାରିଲାନି ନନ୍ଦିନୀ ଯାହା କହିବ ବୋଲି ପ୍ରସ୍ତୁତ ହୋଇ ଆସିଥିଲା। ସମସ୍ତଙ୍କ ବିଶ୍ୱାସକୁ ଏଡେଇ ପାରିଲାନି ସେ। ରାଜି ହେଇଗଲା ଘରଲୋକ ପସନ୍ଦ କରିଥିବା ପ୍ରସ୍ତାବରେ।

ବହୁଦିନ ପରେ ନନ୍ଦିନୀ ଗାଁକୁ ଆସିଛି। ଖୁବ୍ ଖୁସି ଅଛି ସ୍ୱାମୀ ଓ ପୁଅ ସହ। ଗାଁର ନିଆରା ପରିବେଶକୁ ଛୋଟ କିଶୋରୀଟିଏ ପରି ଡେଇଁ ବୁଲି ସ୍ୱାମୀଙ୍କ ସହ ଉପଭୋଗ କରୁଥିଲା ସେ । ସ୍ୱାମୀ ନୁହେଁ ଯେମିତି ତା'ର ଶ୍ରେଷ୍ଠ ବନ୍ଧୁ । ସ୍ୱାମୀଙ୍କ ଅଗାଧ ପ୍ରେମରେ ନନ୍ଦିନୀ ଜଗିଛି ତା'ର ଅମୃତମୟ ସଂସାରକୁ। ଗାଁ ମୁଣ୍ଡରେ ବହିଯାଉଥିବା ନଦୀର ସଙ୍ଗୀତ ଶୁଣି ଉଭୟେ ଘରକୁ ଫେରୁଥିଲାବେଳେ ଭେଟ ହୋଇଗଲା ସୀମାଦିଦି ସହ।

ନନ୍ଦିନୀ ଚିହ୍ନି ପାରିନଥାନ୍ତା ଯଦି ସେ ନନ୍ଦିନୀକୁ ପରିଚୟ ଦେଇନଥାନ୍ତା । ବାଁ ପାଖ ମୁହଁ ପୋଡ଼ି ବିକୃତ ଦେଖାଯାଉଛି । ଦିଶୁଛି ଠିକ୍ ବାୟାଣୀଟେ ଭଳି। ଏ କ'ଣ ଦିଦି ! ଏମିତି କେମିତି ପୋଡ଼ିଯାଇଛି ମୁହଁ ।

କୋହ ସମ୍ଭାଳି ନ ପାରି କାନ୍ଦି ପକେଇଲା ସୀମାଦିଦି ! ଘର ଲୋକଙ୍କୁ କନ୍ଦେଇ ନିଜ ଇଚ୍ଛାରେ ବାହା ହେବାର ଦଣ୍ଡ । ଦୁଇ ବର୍ଷ ନ ଯାଉଣୁ ଆଉ ଗୋଟେ ଝିଅକୁ ଧରି ଘରେ । ଆଠ ମାସର ଝିଅଟିକୁ ଧରି ହନ୍ତସନ୍ତ ହେଲି। ଦିନେ ମଦ ନିଶାରେ ଘରୁ ତଡ଼ିଲା । ଗଲିନି ବୋଲି କିରୋସିନ ଢାଳି ନିଆଁ ଲଗେଇଦେଲା ଶୋଇଲା ଘରେ । ଝିଅକୁ ଧରି ପୋଲିସ କଚେରି ଦୌଡୁଛି ସେହି ବାପାଭାଇଙ୍କ ବଳରେ । ମୋ ଜୀବନ ନାରଖାର ହୋଇଗଲା । ଝିଅଟି ମଣିଷ ହେଉ ଚାହୁଁଚି । ଚାକିରି ଖୋଜୁଛି ଯେ ଏଇ ପୋଡ଼ାମୁହିଁକୁ କିଏ ଚାକିରି ଦେବ । ଲୁହ ବୋହିଗଲା ଦୁଇ ଧାର ସୀମାଦିଦି ଆଖିରୁ ।

ସ୍ୱାମୀଙ୍କ ଆଡକୁ ଲୁହ ଡବ ଡବ ଆଖିରେ ଚାହିଁଲା ନନ୍ଦିନୀ । ପଚାର, ସେ ଆମ ଫାର୍ମରେ କାମ କରିବେ ଯଦି ଝିଅର ପଢ଼ା କଥା ଆମେ ବୁଝିପାରିବା । ସୀମାଦିଦି ଜୋରରେ ନନ୍ଦିନୀକୁ କୁଣ୍ଢାଇ ପକାଇଲା।

*–ବଡ଼ ଆମୁଣି, ଝୁମ୍ପୁରା,*
*କେନ୍ଦୁଝର–୩୧, ମୋ: ୯୪୩୭୭୧୮୫୦୦*

# ପ୍ରେମ

**–ଶୁଭେନ୍ଦୁ ମହାନ୍ତି**

**ମ**ନର ଏ ଆକାଶରେ
'ପ୍ରେମ' ଏକ
କୋମଳ କପୋତୀ
ବୟସର ବଗିଚାରେ
'ପ୍ରେମ' ପୁଣି
ନୀଳ ପ୍ରଜାପତି ।।

'ପ୍ରେମ' ଦିଏ ଉପହାର
ପୋଛେ ଲୁହ
ପାପୁଲିଏ ସ୍ନେହ–
କିଛି ସ୍ୱପ୍ନ, କିଛି ସ୍ମୃତି
ଏବଂ କିଛି
ଶ୍ୟାମଳ ସନ୍ଦେହ ।।

*–ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ*
*ପି.ଏନ୍.କଲେଜ, ଖୋର୍ଦ୍ଧା*
*ମୋ: ୯୪୩୭୭୭୫୭୫୭*

# ଆଟାରିରେ ପତାକା ଅବତରଣ

**–ପବିତ୍ର ମୋହନ ଦାଶ**

**ଏ**ଠୁ ଦିଗନ୍ତ ନୁହେଁ ଦୂର
ଉଦୟ ଅମୃତସର ଅସ୍ତ ଲାହୋର।
ରକ୍ତରେ ଉତ୍ତାପ ପାଇଁ
ଟଣାଯାଏ ଗାର
ତୁଚ୍ଛାକୁ ବଦନାମ ରେଡ଼କ୍ଲିଫ
ଆମେ ତ ବେଣ୍ଟ କୁରାଢ଼ୀର ।
ପବନର ଗୋଟିଏ କାନରେ
ଫୁଙ୍କାଯାଏ ବନ୍ଦେ ମାତରମ୍
ଆରଟିରେ ଏ ପାକିସ୍ତାଁ ସରଜମିନ,

ଏ ପାଖରେ ଏ ୱତନ୍ ଏ ୱତନ୍
ଆର ପାଖରେ ଜଜବା(ୱା) – ଏ –ଜୁନୁନ୍ ।
ତ୍ରିରଙ୍ଗା ଚିହ୍ନିତ, ଅର୍ଦ୍ଧଚନ୍ଦ୍ର ଲାଂଛିତ
ଟୋପିମାନେ ଟାକି ରହନ୍ତି
ମଜା ନେବେ ଗୁଜ୍ ମାର୍ଚ୍ଚିଙ୍ଗର,
ନାକରୁ ଶିଖ ଯାଏଁ ପାଦ ଉଠାଏ
ସୀମା ସୁରକ୍ଷା ବଳ,
ପଦାଘାତରେ ମେଦିନୀ କମ୍ପାଏ ରେଞ୍ଜର,

କୋରିଓଗ୍ରାଫି ଚମତ୍କାର–
କ୍ଷତାକ୍ତ ଭ୍ରାତୃତ୍ୱର ଭଗାରିପଣ
ଫୁଟି ଉଠେ ଜଳଜଳ,
ଦେଶପ୍ରେମର ମନୋରଞ୍ଜନରେ
ରଣଝଣ ସ୍ନାୟୁର ସୀତାର।
ଉତ୍ତେଜନାରେ ମନେପଡେନା
ଏଇ ଫାଟକ ଦେଇଯାଏ ଟମାଟୋ , ଅତର

ଆସେ ଟ୍ରକ୍ ଟ୍ରକ୍ ସିମେଣ୍ଟର ପଟୁଆର ।
ଓହ୍ଲାଇ ଭଙ୍ଗାହୋଇ
ସାଇତା ସରିଲେଣି ପତାକାମାନ,
ଆମେ ଚାହିଁବା କି ଟିକେ ଉପରକୁ
ଦେଖିପାରିବାକି ସେ ଚଢ଼େଇକୁ
ଡ୍ରମ ଗର୍ଜନରେ ଯିଏ ତଟସ୍ଥ
ଫେରିବାକୁ ଡ଼ରୁଛି କୋରଡକୁ ତା'ର ।

*–ଇଂରାଜୀ ବିଭାଗ, ଶାସ୍ତ୍ରୀ ସ୍ମୃତି ଡିଗ୍ରୀ*
*ମହାବିଦ୍ୟାଳୟ, ବାଲିପୁଟ, ପୁରୀ*
*ମୋ:୯୪୩୭୨୦୭୫୪୮*



# ତଥାପି ଖୁସି

ଚିଙ୍କି ତନୟା ଅନନ୍ୟା ପାଣ୍ଡେ। ଏହି ଷ୍ଟାର କିଡ୍‌ଙ୍କୁ ବଲିଉଡ୍‌ରେ ଦମଦାର ବ୍ରେକ୍ ମିଳିଥିଲା। କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକ ତାଙ୍କୁ ପ୍ରଥମେ ବଡ ପରଦାରେ ଅଭିନୟ କରିବାର ସୁଯୋଗ ଦେଇଥିଲେ। ଅନନ୍ୟା ଅଭିନୟ କରିଥିବା ପ୍ରଥମ ହିନ୍ଦୀ ଚଳଚ୍ଚିତ୍ରଟିର ଟାଇଟଲ ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨' (୨୦୧୯)। ଏହି ଫିଲ୍ମରେ ତାଙ୍କ ବ୍ୟତୀତ ଟାଇଗର ଶ୍ରଫ ଏବଂ ତାରା ସୁଟାରିଆ ମଧ୍ୟ ଅଭିନୟ କରିଥିଲେ। କେବଳ ସେତିକି ନୁହେଁ, ୬୫କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମଟି ବକ୍ସ ଅଫିସରେ ପ୍ରାୟ ୯୮ କୋଟି ବିଜନେସ୍ କରିଥିଲା। ପ୍ରଥମ ସିନେମାଟି ହିଟ୍ ହେବା ପରେ ଅନନ୍ୟା ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଉଛି– 'ପତି ପତ୍ନୀ ଔର ଓ୍ୱ', 'ଖାଲି ପିଲି', 'ଗେହରାଇୟାଁ' ଏବଂ 'ଲାଇଗର'। କିନ୍ତୁ ଅସଲ କଥା ହେଲା ମାତ୍ର ପାଞ୍ଚ ବର୍ଷର କ୍ୟାରିୟରକୁ ନେଇ ବେଶ୍ ଖୁସ୍ ଅଛନ୍ତି ଏହି ଅଭିନେତ୍ରୀ। ଏ ନେଇ ସେ କହନ୍ତି, 'ସଫଳତା ରାତାରାତି ମିଳିଯାଏନା। ବେଳେବେଳେ ଏଥିପାଇଁ ଅପେକ୍ଷା କରିବାକୁ ପଡିଥାଏ। ମୁଁ ମାନୁଛି, ଏହି ପାଞ୍ଚ ବର୍ଷ ଭିତରେ ମୁଁ ହାତଗଣତି ସିନେମାରେ ଅଭିନୟ କରିଛି। ହେଲେ ଆଶା ରଖିଛି ଦିନେ ନା ଦିନେ ନିଜକୁ ଆଗଧାଡିର ନାୟିକା ଦୌଡରେ ନିଶ୍ଚୟ ସାମିଲ କରିବି।' ତେବେ ଅନନ୍ୟାଙ୍କର ଏହି ଆଶା କେବେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।



ଅନନ୍ୟା

## ତାପସୀଙ୍କ ନୂଆ ଯୋଜନା

ତାପସୀ ପାନ୍ନୁଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଅଭିନୟ ତ ଚାଲିଛି। ତା'ସହ ସେ ନିଜକୁ ଆଉ ଏକ କାମରେ ମଧ୍ୟ ନିୟୋଜିତ ରଖିଛନ୍ତି। କଥା କ'ଣ କି ଦକ୍ଷିଣ ଭାରତୀୟ ସିନେମାର ଏହି ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀଙ୍କୁ ସମୟ ମିଳିଲେ ସେ ଅନ୍ୟମାନଙ୍କୁ ଫିଟ୍‌ନେସ ମନ୍ତ୍ର ବାଣ୍ଟୁଛନ୍ତି। ନିକଟରେ ସେ କେତେଜଣ ଅନ୍ତରଙ୍ଗ ବାନ୍ଧବୀଙ୍କ ସହ ଶପିଂ କରିବାକୁ ଯାଇଥିଲେ। ଶପିଂ ପରେ ଏକ କାଫେରେ ପୁଣି ଗସିପ୍ ଚାଲିଲା। ସେତିକି ବେଳେ ତାପସୀ ସେମାନଙ୍କୁ ଫିଟ୍‌ନେସକୁ ନେଇ ଟିପ୍ସ ଦେଇଥିଲେ। ହେଲେ ହଠାତ୍ ଏଭଳି ଆଇଡିଆ ତାଙ୍କ ମନକୁ ଆସିଲା କାହିଁକି ? ଏ ବିଷୟରେ ତାପସୀ କହନ୍ତି, 'ଆଜିକାଲି ଅନେକେ ଫିଟ୍ ରହିବୁ ବୋଲି କହୁଛନ୍ତି, ହେଲେ ଏ ନେଇ ଟିକେ ବି ସଚେତନ ହେଉ ନାହାନ୍ତି। ତେଣୁ ଏ ସମ୍ପର୍କରେ ମୁଁ ଏକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସ୍ଥିର କରିଛି। ଏ ନେଇ ମୋ ସାଙ୍ଗମାନେ ସହଯୋଗର ହାତ ମଧ୍ୟ ବଢ଼ାଇଛନ୍ତି।' ତେବେ ତାପସୀଙ୍କ ଏହି ଯୋଜନା କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

ତାପସୀ

# ରହସ୍ୟ ଖୋଲିଲେ ରଣବୀର

ରଣବୀର ସିଂଙ୍କର ବଲିଉଡ୍‌ରେ ଡେବ୍ୟୁ ହୋଇଥିଲା ଯଶରାଜ ଫିଲ୍ମ ବ୍ୟାନରରେ ନିର୍ମିତ 'ବ୍ୟାଣ୍ଡ ବାଜା ବାରାତ' ଚଳଚ୍ଚିତ୍ରରୁ। ହେଲେ ଏହାପୂର୍ବରୁ ତାଙ୍କୁ ଦୁଇଟି ଅଫର ମିଳିଥିଲା। ସେ କିନ୍ତୁ ସେଗୁଡିକୁ ହାତଛଡା କରିଥିଲେ। ସେତେବେଳେ ଏନେଇ ଆଲୋଚନା ହୋଇଥିଲା ଯେ, ପାରିଶ୍ରମିକକୁ ନେଇ ସେ ସେଥିରେ ଅଭିନୟ କରିବାକୁ ରାଜି ହୋଇ ନ ଥିଲେ। ରଣବୀର ସେହି ସମୟରେ ନିଜ କ୍ୟାରିୟରକୁ ଆଗେଇନେବାକୁ ଦୃଢ଼ମନା ଥିଲେ। ସେଥିପାଇଁ ଫିଲ୍ମ ଦ୍ୱୟ ହାତଛଡା ହୋଇଯିବା ପରେ ମଧ୍ୟ ମୁହଁ ଖୋଲି ନ ଥିଲେ। ହେଲେ ନିକଟରେ ସେ ଏହା ଉପରୁ ପରଦା ହଟାଇଛନ୍ତି। ଏ ବିଷୟରେ ରଣବୀର କହନ୍ତି, 'ମୋ କ୍ୟାରିୟର ଆରମ୍ଭରେ ମୋତେ ଦୁଇଟି ଭଲ ଅଫର ମିଳିଥିଲା, ହେଲେ ମୁଁ ତାକୁ ଗ୍ରହଣ କରି ନ ଥିଲି। ଏହାକୁ ନେଇ ସେତେବେଳେ ଅନେକ ଆଲୋଚନା ହୋଇଥିଲା, କିନ୍ତୁ ମୁଁ ତାହା ଉପରେ କୌଣସି ମନ୍ତବ୍ୟ ଦେଇ ନ ଥିଲି। ଅସଲ କଥା ହେଲା ଫିଲ୍ମଦୁଇଟିର କାହାଣୀ ମୋତେ ଆଦୌ ପ୍ରଭାବିତ କରି ନ ଥିଲା। ଯେତେବେଳେ ଯଶରାଜ ଫିଲ୍ମସରୁ ମୋତେ ଅଫର ମିଳିଲା ଆଉ ଫିଲ୍ମଟିର କାହାଣୀ ଦମ୍‌ଦାର ଥିଲା, ସେଇଥିରୁ ହିଁ ମୁଁ ମୋ କ୍ୟାରିୟର ଆରମ୍ଭ କଲି।' ବର୍ତ୍ତମାନ ଫରହାନ୍ ଅଖତରଙ୍କ ଆଗାମୀ ପ୍ରୋଜେକ୍ଟ 'ଡନ୍-୩'ରେ ସେ ନାୟକ ସାଜିବେ। କେବଳ ସେତିକି ନୁହେଁ, ରୋହିତ ସେଟ୍ଟିଙ୍କ ନିର୍ମାଣାଧୀନ ଫିଲ୍ମ 'ସିଙ୍ଘମ ଏଗେନ୍'ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ।



ରଣବୀର

# ଏଇ ରାଖୀ ତୋ ରକ୍ଷା କବଚ-୨

ଚଳିତ ରାଖୀ ପୂର୍ଣ୍ଣିମା ଅବସରରେ ରାଖୀର ମାହୋଲକୁ ଆହୁରି ଖାସ୍ କରିବା ପାଇଁ ଜୀ ସାର୍ଥକ ଚ୍ୟାନେଲରେ ଅଗଷ୍ଟ ୧୮ ସନ୍ଧ୍ୟା ୬.୩୦ରେ ପ୍ରସାରିତ ହେବ ନୂଆ ଓଡ଼ିଆ ଫିଲ୍ମ 'ଏଇ ରାକ୍ଷୀ ତୋ' ରକ୍ଷା କବଚ-୨'। ଲିପ୍ସା ମିଶ୍ରଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ସଞ୍ଜୟ ନାୟକ। ଏକ ବେବି ଫୁଡ କମ୍ପାନୀ ମାଲିକ ବିରାଟଙ୍କୁ ଫସାଇବାକୁ ଚେଷ୍ଟା କରେ ରୁଦ୍ର। ସେପଟେ ହଠାତ୍ ବିରାଟଙ୍କ ମୃତ୍ୟୁ ପରେ ତାଙ୍କ ଝିଅ ପ୍ରୀତିକୁ ନିଜ ପୁଅ ସହ ବିବାହ କରାଇବାକୁ ଯୋଜନା କରେ ରୁଦ୍ର। ଅନ୍ୟପକ୍ଷେ ପ୍ରୀତି ନିଜ ଭାଇ ବିକ୍ରମକୁ ଭଲ ବାଟକୁ ନେଇଆସେ ଓ ଦୁଇ ଜଣ ମିଶି ଜାଣିବାକୁ ଚାହିଁଛନ୍ତି କେମିତି ହୋଇଛି ବାପା ବିରାଟଙ୍କ ମୃତ୍ୟୁ। ଆଉ ତାଙ୍କର ଏହି ଅବସ୍ଥା ପାଇଁ ଦାୟୀ କିଏ ? ତେବେ କେମିତି ବିକ୍ରମ ଓ ପ୍ରୀତି ଆଗକୁ ବଢିବେ ? ପ୍ରକୃତ ଦୋଷୀକୁ କେମିତି ଧରିବେ ? ପ୍ରତିଶୋଧ ନେଇପାରିବେ ତ ? ଏହାର ଉତ୍ତର ସିନେମାଟିକୁ ଦେଖିଲେ ହିଁ ଜାଣିପାରିବେ। ଏହାର ବିଭିନ୍ନ ଭୂମିକାରେ ବିକ୍ରମ ମହାନ୍ତି, ଅନନ୍ୟା ଏବଂ କେ.କେ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



ବିକ୍ରମ-ଅନନ୍ୟା

# ଦୋଛକିରେ କିଆରା

କଥାରେ ଅଛି–'ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା'। ସେହିଭଳି ପରିସ୍ଥିତିର ସାମନା କରିଛନ୍ତି କିଆରା ଆଡୱାନୀ। କଥା କ'ଣ କି ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ତ୍ରିଶଙ୍କୁ ଅବସ୍ଥାରେ ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ କିଆରା କୁଆଡେ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। ଯେତେବେଳେ ଏହି କଥା କିଆରାଙ୍କ କାନରେ ପଡିଲା ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ ? ଏଭଳି ବିଷୟକୁ ନେଇ ସଫେଇ ଦେଇ କିଆରା କହନ୍ତି, 'ନୂଆ ସିନେମାର କାହାଣୀ ମୋତେ ପ୍ରଭାବିତ କରିଛି। ହେଲେ ମୋତେ କେହି ଅଯଥା ବଦନାମ କରିବାକୁ ଏଭଳି ପ୍ରଚାର ଚଳାଇଛି। ଏହି ଫିଲ୍ମ ପାଇଁ ମୁଁ ଆଦୌ ପାରିଶ୍ରମିକ ବଢ଼ାଇ ନାହିଁ। ହେଲେ ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାର ଅଛି। କିନ୍ତୁ ଏ ନେଇ ମୁଁ ମାଇଣ୍ଡ ମେକଅପ କରିନି। ଯେତେସମ୍ଭବ ସେହି ଶଟ୍‌କୁ ବାଦ୍ ଦେବା ପାଇଁ ପ୍ରଯୋଜନା ସଂସ୍ଥାକୁ ଅନୁରୋଧ କରିଛି। ଏ ନେଇ ସେମାନେ ଦୁଇ ସପ୍ତାହ ସମୟ ମଧ୍ୟ ନେଇଛନ୍ତି। ଏହି ଅଫରକୁ ନେଇ ମୁଁ ଏବେ ବି ଦୋଛକିରେ ରହିଛି।'



କିଆରା

## ଯାହା ଭାବିଥିଲେ କ୍ୟାଟ୍ରିନା

ବଲିଉଡ୍‌ରେ କ୍ୟାଟ୍ରିନା କୈଫ ନିଜକୁ ଜଣେ ଆଗଧାଡିର ଅଭିନେତ୍ରୀ ଭାବରେ ପରିଚିତ କରାଇ ସାରିଛନ୍ତି। ହେଲେ ଅଭିନୟ କ୍ଷେତ୍ରରେ ପାଦ ଦେବା ପୂର୍ବରୁ ତାଙ୍କର ଆଉ କେତୋଟି ଆଶା ଥିଲା। ଭବିଷ୍ୟତରେ ସେ ଯେ, ଆକ୍ଟିଂ ଲାଇନ୍‌କୁ ଆପଣେଇବେ ସେକଥା ସେ କେବେ ବି ଭାବି ନ ଥିଲେ। ଏ ନେଇ କ୍ୟାଟ୍ରିନା କହନ୍ତି, ''ସତ କଥା କହିବାକୁ ଗଲେ ଫ୍ୟୁଚରରେ ମୁଁ ଯେ ଜଣେ ଆକ୍ଟ୍ରେସ ହେବି ତାହା କେବେ କଳ୍ପନା କରି ନ ଥିଲି। ପାଠ ପଢ଼ିବା ସମୟରେ ମୋର ଚେସ୍ ପ୍ରତି ଆଗ୍ରହ ଥିଲା। ଭାବିଥିଲି ଭବିଷ୍ୟତରେ ଜଣେ ଚେସ୍ ପ୍ଲେୟାର ହେବି। ତା'ସହ ମ୍ୟୁଜିକ ପ୍ରତି ମଧ୍ୟ ମୋର ରୁଚି ରହିଥିଲା। ହେଲେ ପ୍ରଥମେ ମୋତେ ମଡେଲିଂ କରିବାର ସୁଯୋଗ ମିଳିଲା, ଆଉ ତାକୁ ହାତଛଡା କରି ନ ଥିଲି। ତା'ପରେ ମୁଁ ବଲିଉଡ୍‌ରେ ପାଦ ଦେଇଥିଲି। ବାକି ଯାହା ଘଟିଛି ତାହା ସମସ୍ତେ ଜାଣନ୍ତି।' କ୍ୟାଟ୍ରିନାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ବୁମ୍'। ଏହି ଫିଲ୍ମର ପ୍ରଯୋଜିକା ଆୟେଶା ଶ୍ରଫ ତାଙ୍କୁ ଜଣେ ଅଭିନେତ୍ରୀ ହେବାକୁ ବେଶ୍ ପ୍ରେରଣା ଦେଇଥିଲେ।



କ୍ୟାଟ୍ରିନା

# ମନରେ ମନ ବାନ୍ଧିଲେ ବସା, ସହଜେ ଛାଡେନା ପ୍ରେମର ନିଶା

**ପ୍ରଶ୍ନ–**ଥରେ ଜଣେ ସୁନ୍ଦରୀ ମୋତେ ଚାହିଁ ହସିଦେଲା। ଏବେ ମୋତେ ଏପରି ଲାଗୁଛି ସତେଯେମିତି ମୁଁ ତା' ପ୍ରେମରେ ପଡିଯାଇଛି। ଏବେ ମୁଁ କ'ଣ କରିବି ?

*–ପ୍ରମୋଦ କୁମାର ଦାସ, ଅନୁଗୋଳ*

**ଉତ୍ତର:** ସେହି ହସରେ ହିଁ ସବୁ କିଛି ରହିଛି। ଦେଖୁନାହାନ୍ତି, ପ୍ରଥମ ଦେଖାରେ ସେହି ପ୍ରଥମ ହସରେ ଆପଣ କେମିତି ପ୍ରେମ କରିବାକୁ କୁତୁକୁତୁ ହେଉଛନ୍ତି। ସତରେ, ପ୍ରେମ ଏଭଳି ଏକ ନିଶା, ଯାହା ମୁଣ୍ଡରେ ଥରେ ଚଢ଼ିଗଲେ, ତାହା ସହଜରେ ଉତୁରି ନ ଥାଏ। 'ମନରେ ମନ ବାନ୍ଧିଲେ ବସା, ସହଜେ ଛାଡେନା ପ୍ରେମର ନିଶା'। ତେଣୁ ଯଦି ସେହି ସୁନ୍ଦରୀକୁ ମନର ମାନସୀ ଭାବରେ ଗ୍ରହଣ କରିବାକୁ ମାଇଣ୍ଡ ମେକଅପ କରିସାରିଲେଣି, ତେଣୁ ସେହି ଅନୁସାରେ ଯୋଜନାବଦ୍ଧ ଭାବରେ ଆଗାନ୍ତୁ। ତରବର ହୁଅନ୍ତୁ ନାହିଁ। କାରଣ ଧୀର ପାଣି ପଥର କାଟେ।

**ପ୍ରଶ୍ନ–** ସାଙ୍ଗ ପ୍ରେମରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ସୁମନ, କଟକ*

**ଉତ୍ତର:** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାସୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ–**ମୋ ପ୍ରଥମ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ଯା ଭିତରେ ମୁଁ ୩/୪ ଜଣ ଝିଅଙ୍କୁ ପ୍ରପୋଜ କରିସାରିଲେଣି। ହେଲେ ସେପଟୁ କିଛି ଉତ୍ତର ମିଳୁନାହିଁ। କ'ଣ କରିବି ?

*–ପ୍ରମୋଦ ସାହୁ, କେନ୍ଦ୍ରାପଡା*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ପ୍ରେମ କରୁଥିଲେ ସେ ତ ପର କରି ଚାଲିଗଲା। ଏବେ ସେ ବିଷୟରେ ଭାବିଲେ କ'ଣ ହେବ ? ପୁରୁଣା ଘା'କୁ ଉଖୁରାଇଲେ କେବଳ ଯନ୍ତ୍ରଣା ହୁଏ ସିନା ହେଲେ ମନକୁ ଶାନ୍ତି ମିଳେନା। ପ୍ରଥମ ପ୍ରେମରେ ଅସଫଳ ହେବା ପରେ ଉଲ୍ଲେଖ କରିଛନ୍ତି ଯେ, ଆହୁରି ୩/୪ ଜଣଙ୍କୁ ପ୍ରପୋଜ କରିଥିଲେ। ହେଲେ ସେପଟୁ କିଛି ଉତ୍ତର ମିଳିଲା ନାହିଁ। ହୁଏତ ସେହି ପ୍ରେମର ନିଶା ଧୀରେ ଧୀରେ ମଉଳି ଗଲାଣି। ତେଣୁ ପ୍ରପୋଜ କରିବା ପୂର୍ବରୁ ପାଣିପାଗ ବିଷୟରେ ଭଲ ଭାବର ଚିନ୍ତା କରନ୍ତୁ। ଯଦି ସବୁକିଛି ଠିକ୍ ଅଛି ତେବେ ଆଗେଇଲେ ହୁଏତ ଆପଣଙ୍କ ମିଶନ ସକସେସ୍ ହୋଇପାରେ। ନ ହେଲେ କଥାଟି କେବଳ ଅନ୍ଧାରରେ ବାଡି ବୁଲାଇବା ପରି ହେବ।

**ପ୍ରଶ୍ନ–**ତା' ଲାଜୁଆ ଚାହାଣୀ ମୋତେ ପାଗଳ କରିଦେଇଛି। ସେହି ଲାଜରେ କ'ଣ ପ୍ରେମ ଲୁଚି ରହିଛି ?

*–ଦୀପକ ରାଉତ, ରାଉରକେଲା*

**ଉତ୍ତର:** ଲାଜେଇ ଝିଅର ଆଖିରେ ଅନେକ କଥା ଭରି ରହିଥାଏ। ଯଦି ଆପଣ ସେଥିରୁ ପ୍ରେମର ଇସାରା ପାଉଛନ୍ତି ତେବେ ବିଳମ୍ବ କରିବାର କିଛି କାରଣ ନାହିଁ। କାରଣ 'ଲାଜୁଆ ଆଖିର ଭିତିରି କଥା ଘଡିକେ ଘୁରାଇ ଦିଅଇ ମଥା'। ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୁରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।



ସାଥୀ

## ପ୍ରଥମ ରୋଜଗାର

# ବିନା ଦରମାରେ ବର୍ଷେ କାମ କରି ପାଇଥିଲି ୧୫୦ ଟଙ୍କା



ଶିକ୍ଷାବିତ୍ **ଶ୍ରୀହର୍ଷ ମହାପାତ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଅନ୍ତର୍ଗତ କୁମାରାଙ୍ଗ ଶାସନରେ ମୋ ଜନ୍ମ। ଗୋଦାବରୀଶ ବିଦ୍ୟାପୀଠରୁ ଏକାଦଶ, ଗୋଦାବରୀଶ ମହାବିଦ୍ୟାଳୟରୁ ଆଇ.ଏ., ବି.ଏ. ପାସ୍ କରିବା ପରେ ବାଣୀବିହାରରେ ଇତିହାସରେ ଏମ୍.ଏ. କଲି। ସେହି ସମୟରେ ଜଟଣୀ ବ୍ଲକ୍ ଅନ୍ତର୍ଗତ ଛତାବରଠାରେ ନୂଆ କରି ଏକ କଲେଜ ଖୋଲିଥିଲା ; ଯାହାର ନାଁ ଥିଲା ବାଉରୀବନ୍ଧୁ ମହାବିଦ୍ୟାଳୟ। ଏହା ଥିଲା ୧୯୯୨ ମସିହାର କଥା। ସେତେବେଳେ ଉକ୍ତ କଲେଜଟି ବେସରକାରୀ ଭାବେ ମ୍ୟାନେଜମେଣ୍ଟ ଦ୍ୱାରା ପରିଚାଳିତ ହେଉଥିଲା। ଏମ୍.ଏ. ପାସ୍ କରିବା ପରେ ଏଠାରେ ଅଧ୍ୟାପନା ଜାରିରଖିଲି। ପ୍ରାୟ ୧ବର୍ଷ ପର୍ଯ୍ୟନ୍ତ ବିନା ପାରିଶ୍ରମିକରେ ପାଠ ପଢ଼ାଇଲି। ତା'ପରେ ମ୍ୟାନେଜମେଣ୍ଟ ମୋତେ ୧୫୦ ଟଙ୍କା ଦରମା ଦେଲା। ଯେହେତୁ ସେତେବେଳେ ଘରଭଡ଼ା ନେଇ ଛତାବରରେ ରହୁଥିଲି ; ତେଣୁ ଦରମା ଟଙ୍କା ମୋର ଘରଭଡ଼ା ଓ ନିଜସ୍ୱ ଖର୍ଚ୍ଚରେ ସରିଯାଉଥିଲା। ତା'ଛଡ଼ା ମୁଁ ଥିଲି ବାପାବୋଉଙ୍କର ତୃତୀୟ ସନ୍ତାନ, ମୋ ଉପରେ ଦୁଇ ବଡ଼ ଭାଇ ଥିଲେ। ବାପା ବି ଚାକିରି କରିଥିଲେ। ତେଣୁ ଘର ଚଳାଇବା ପାଇଁ ମୋ ଉପରେ ସେମିତି କିଛି ଦାୟିତ୍ୱ ନ ଥିଲା। ସେଥିପାଇଁ ଯାହାବି ରୋଜଗାର କରୁଥିଲି ନିଜେ ଖର୍ଚ୍ଚ କରୁଥିଲି। ପ୍ରାୟ ୨୦୧୪ ମସିହା ପର୍ଯ୍ୟନ୍ତ ମ୍ୟାନେଜମେଣ୍ଟ ଦ୍ୱାରା ଉକ୍ତ କଲେଜଟି ଚାଲିଥିଲା। ଆଉ ମଝିରେ ମଝିରେ ସ୍ୱଳ୍ପ କିଛି ବଢ଼ିବଢି ମୋ ଦରମା ୨୦୧୪ ବେଳକୁ ୩୫୦୦ ଟଙ୍କାରେ ପହଞ୍ଚିଥିଲା। ତା'ପରେ କଲେଜଟି ବ୍ଲକ୍ ଗ୍ରାଣ୍ଟ ପାଇବାରୁ ଆମକୁ ସରକାରୀ ଦରମା ମିଳିଲା। ମୋର ପ୍ରଥମ ସରକାରୀ ଦରମା ଥିଲା ୫,୭୩୩ ଟଙ୍କା। ତା'ସହିତ କିଛି ଏରିଅର୍ ଟଙ୍କା ବି ମିଳିଥିଲା। ଖୁସିରେ ଗାଁକୁ ଯାଇ ବାପାବୋଉ, ଭାଇଙ୍କୁ କିଛି ଟଙ୍କା ଦେଇଥିଲି। ତା'ସହିତ ସେ ସମୟରେ ଗାଁ ମନ୍ଦିରର ଛାତ କାମ ହେଉଥାଏ ; ସେଥିପାଇଁ ବି କିଛି ଟଙ୍କା ଦାନ କରିଥିଲି। ସମସ୍ତେ ଖୁବ୍ ଖୁସି ହୋଇଥିଲେ ଆଉ ମୋତେ ଆଶୀର୍ବାଦ କରିଥିଲେ। ଯା' ଭିତରେ ଅନେକ ବର୍ଷ ବିତିଗଲାଣି। କିନ୍ତୁ ଅଧ୍ୟାପକ ଚାକିରି ସରିବାକୁ ମୋର ଆହୁରି ଦୁଇ ବର୍ଷ ବାକି ଅଛି। ଏ ତ ଗଲା ମୋ ବୃତ୍ତିଗତ ଜୀବନ କଥା। ରୁଚି କଥା କହିଲେ, ମୋତେ ବିଭିନ୍ନ ବିଷୟବସ୍ତୁ ଉପରେ ନିବନ୍ଧ ଲେଖିବାକୁ ଭଲ ଲାଗେ। ଏହି ଲେଖାଲେଖିର ଧାରା ମୋର ସ୍କୁଲ ପଢିଲାବେଳୁ ଆରମ୍ଭ ହୋଇଛି। କାରଣ ଆମ ଗାଁ କୁମାରାଙ୍ଗ ଶାସନ ହେଲା ଏକ ସଂସ୍କୃତିସମ୍ପନ୍ନ ଗାଁ। ଏହି ଗାଁରେ ରହିଛି ଏକ ପୁରୁଣା ପାଠାଗାର ; ଯାହାର ନାଁ ହେଲା କୁମାର ପାଠାଗାର। ମୋର କଲେଜ କ୍ୟାରିୟର ପର୍ଯ୍ୟନ୍ତ ଏହି ପାଠାଗାର ତରଫରୁ ପ୍ରତିବର୍ଷ କୁମାର ପୂର୍ଣ୍ଣିମା ଅବସରରେ ଏକ ପତ୍ରିକା ପ୍ରକାଶ ପାଉଥିଲା ; ଯାହାକି କୁମାର ପତ୍ରିକା ନାମରେ ପରିଚିତ ଥିଲା। ସେତେବେଳେ ହାତଲେଖାରେ ଏହି ପତ୍ରିକାଟି ବାହାରୁଥିଲା ; ଯେଉଁଥିରେ ମୋର ଅନେକ ଲେଖା ସ୍ଥାନ ପାଇଥିଲା। କେବଳ ସେତିକି ନୁହେଁ ବେଶ୍ କିଛିଦିନ ଏହି ପାଠାଗାରର ଲାଇବ୍ରେରିଆନ୍ ଦାୟିତ୍ୱ ବି ମୁଁ ତୁଲାଇଥିଲି। ଯାହାବି ହେଉ ଭଗବାନଙ୍କ କୃପାରୁ ଲେଖାଲେଖି ହେଉ କି ଅଧ୍ୟାପନା ସବୁକିଛି ଠିକ୍‌ଠାକ୍ ଚାଲିଛି ; ସେଥିପାଇଁ ଖୁସି ଲାଗୁଛି।

# ମା' ମୋର ଆଦ୍ୟ ଗୁରୁ

**ପିଲାଟିବେଳୁ ମା'ଙ୍କ ସହ ଓଡ଼ିଶୀ ଗବେଷଣାକେନ୍ଦ୍ରକୁ ଯାଉଥିଲି। ମା' ଅନ୍ୟମାନଙ୍କୁ ଓଡ଼ିଶୀ ଶିଖାଇବାବେଳେ ମୋ ଭିତରେ ଆଗ୍ରହ ଆସୁଥିଲା ଦିନେ ମୁଁ ବି ଓଡ଼ିଶୀ ନୃତ୍ୟଶିଳ୍ପୀ ହେବି...**



ପିଲାଟିବେଳୁ ତାଙ୍କର ନୃତ୍ୟ ପ୍ରତି ରହିଥିଲା ପ୍ରବଳ ଦୁର୍ବଳତା। ମାତ୍ର ୪ବର୍ଷ ବୟସରୁ ସେ ପରିବେଷଣ କରିଥିଲେ ଓଡ଼ିଶୀ ନୃତ୍ୟ। ସେତେବେଳେ ତାଙ୍କର ଏହି ନୃତ୍ୟକୁ ନିର୍ଦ୍ଦେଶନା ଦେଇଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି। ସେ ହେଲେ **ମେଘାମ୍ବରୀ ପ୍ରଧାନ** । ସେ କୁହନ୍ତି, ମୋ ମା' ମୁକ୍ତିଲତା ପାଲ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ ବାପା ମିହିର ପ୍ରଧାନ ଜଣେ ଜଣାଶୁଣା ଆଇନଜୀବୀ । ପିଲାଟି ବେଳୁ ମୋ ମା' ମୋତେ ଓଡ଼ିଶୀ ଗବେଷଣାକେନ୍ଦ୍ରକୁ ସାଥିରେ ନେଇକି ଯାଉଥିଲେ। ମା' ଅନ୍ୟମାନଙ୍କୁ ଓଡ଼ିଶୀ ଶିଖାଉଥିଲେ। ସବୁଦିନ ସେଠାରେ ଓଡ଼ିଶୀ ନୃତ୍ୟ ଓ ଗୀତ ଦେଖିଦେଖି ଏଥିପ୍ରତି ମନବଳାଇଥିଲି। କେବଳ ମୁଁ ନୁହେଁ ମୋର ବଡ଼ଭଉଣୀ ମଧ୍ୟ ମା'ଙ୍କ ଠାରୁ ଓଡ଼ିଶୀନୃତ୍ୟ ଶିକ୍ଷାଲାଭ କରିଥିଲେ। ଅବଶ୍ୟ ସେତେବେଳେ ଓଡ଼ିଶୀକୁ ଠିକ୍‌ଭାବେ ବୁଝିପାରି ନ ଥିଲି କିନ୍ତୁ ଓଡ଼ିଶୀ ନୃତ୍ୟ ପ୍ରତି ମନରେ ଆପେ ଆପେ ଏକ ଆକର୍ଷଣ ସୃଷ୍ଟି ହୋଇଥିଲା। ମୋ ମା' ଆଚାର୍ଯ୍ୟ ହରିହର କଲେଜର ପୂର୍ବତନ ପ୍ରିନ୍‌ସପାଲ ଏବଂ ସେ ମୋର ଆଦ୍ୟ ଗୁରୁ। ସେ ହିଁ ମୋତେ ପାଠପଢ଼ା ସହିତ ଓଡ଼ିଶୀ ଶିଖାଇଛନ୍ତି। ଓଡ଼ିଶୀ ନୃତ୍ୟରେ– ମଙ୍ଗଳାଚରଣ, ଶିବତାଣ୍ଡବ, ଶ୍ରୀଗଣେଶ ବନ୍ଦନା, ପଲ୍ଲବୀ, ଶଙ୍କରାବରଣ, ମୋହନପଲବୀ, ହଂସଧ୍ୱନି, ନମୋଦେବୀ, ଅଭିନୟରେ ଅର୍ଦ୍ଧନାରୀଶ୍ୱର, ଦୁର୍ଗାବନ୍ଦନା, ମଦନମୋହନ ଅଷ୍ଟକମ୍, ଗୀତଗୋବିନ୍ଦ, ମଙ୍ଗଳେ ଅଇଲେ ଉଷା ଆଦି ନୃତ୍ୟତାଲିମ ନେଇଛି। ଓଡ଼ିଶୀରେ ତାଳ, ଲୟ ଏବଂ ସ୍ୱରକୁ ଠିକ୍ ଭାବରେ ଅଭ୍ୟାସ ରଖିବାକୁ ପଡ଼ିଥାଏ। ସବୁବେଳେ ଆମେ ଦୁଇ ଭଉଣୀ ଓଡ଼ିଶୀ ନୃତ୍ୟକୁ କିପରି ନିଖୁଣ ଭାବେ ପରିବେଷଣ କରିପାରିବୁ ସେଥିପାଇଁ ପରସ୍ପର ମଧ୍ୟରେ ଆଲୋଚନା କରିବା ସହ ଅଭ୍ୟାସ ଜାରି ରଖିଥିଲୁ। ମୁଁ ଯେତେବେଳେ କେନ୍ଦ୍ରୀୟ ବିଦ୍ୟାଳୟରେ ପଢୁଥିଲି ସେତେବେଳେ ବିଦ୍ୟାଳୟ ତରଫରୁ ଇଣ୍ଟରସ୍କୁଲ ନୃତ୍ୟ ପ୍ରତିଯୋଗିତାରେ ଭାଗନେଇ ବହୁବାର ପୁରସ୍କୃତ ହୋଇଥିଲି। ଯାହା ମୋତେ ନୃତ୍ୟ କ୍ଷେତ୍ରରେ ଆଗକୁ ଯିବା ପାଇଁ ଅଧିକ ଉତ୍ସାହିତ କରିଥିଲା। ଓଡ଼ିଶୀରେ ପ୍ରାୟ ୧୨ବର୍ଷ ଧରି ଶିକ୍ଷାଲାଭ କରିସାରିଲାଣି । ଏମିତିରେ ଭୁବନେଶ୍ୱର ଦୂରଦର୍ଶନ ସମେତ ବିଭିନ୍ନ ଘରୋଇ ଟିଭି ଚ୍ୟାନେଲରେ ଓଡ଼ିଶୀନୃତ୍ୟ ପ୍ରଦର୍ଶନ କରିଛି। ରବୀନ୍ଦ୍ରମଣ୍ଡପ, ଭଞ୍ଜକଳା ମଣ୍ଡପରେ ଆୟୋଜିତ ଓଡ଼ିଶୀନୃତ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଛି। ଭଦ୍ରକ, ବାଲେଶ୍ୱର, ପୁରୀ, ଭୁବନେଶ୍ୱର, କଟକ ଆଦି ବିଭିନ୍ନ ଜିଲାର କେତେକ ସାଂସ୍କୃତିକ ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିପାରିଛି। ବିଭିନ୍ନ ଅନୁଷ୍ଠାନରୁ ମତେ ପୁରସ୍କାର ଓ ସମ୍ମାନିତ କରାଯାଇଛି। ଏବେ ପ୍ରାଣୀବିଜ୍ଞାନରେ ସ୍ନାତକ ପଢିବା ସହ ଓଡ଼ିଶୀ ସାଧନାକୁ ଜାରି ରଖିଛି। ମଞ୍ଚରେ ଓଡ଼ିଶୀନୃତ୍ୟ ପରିବେଷଣ ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଲୀଳାକୁ ସ୍ମରଣ କରିଥାଏ ଯେଉଁଥିରେ ମୋତେ ମହାପ୍ରଭୁଙ୍କ ଦର୍ଶନର ଅନୁଭବ ହୁଏ ।

# ଚିତ୍ର ମୋତେ ଆତ୍ମସନ୍ତୋଷ ଦିଏ



ଗାଁରେ ଜଣେ ପଡ଼ୋଶୀଙ୍କ ଚିତ୍ର ଆଙ୍କିବା ଦେଖି ନିଜେ କିପରି ସେମିତି ଆଙ୍କିବେ ସେଥିପାଇଁ ସେ ଘରକୁ ଆସି ଚକ୍ ଖଡ଼ିରେ ଅଭ୍ୟାସ କରୁଥିଲେ। ଏମିତି ଅଭ୍ୟାସ ତାଙ୍କୁ ପରବର୍ତ୍ତୀ ସମୟରେ ଜଣେ ଚିତ୍ରଶିଳ୍ପୀର ମାନ୍ୟତା ଦେଲା। ସେ ହେଲେ **ପ୍ରକାଶ ପରିଡ଼ା**। ଘର ପୁରୀ ଜିଲା ସତ୍ୟବାଦୀ ବ୍ଲକର ବାଘସାହିରେ। ମା' କୁନ୍ତଳା ପରିଡ଼ା ଓ ପିତା ପଦ୍ମଚରଣ ପରିଡ଼ା। ସେ କୁହନ୍ତି, ପିଲାଦିନେ ଗାଁରେ ଯାହାସବୁ ଗଛଲତା ଫୁଲଫଳ ଜୀବଜନ୍ତୁଙ୍କୁ ଦେଖୁଥିଲି ତାହାକୁ ଖଡ଼ିରେ ଅଭ୍ୟାସ କରୁଥିଲି। ମୋତେ ସେତେବେଳେ ପ୍ରାକୃତିକ ଶୋଭା ବେଶୀ ଆକର୍ଷିତ କରୁଥିଲା ; ଯାହାକୁ ଆଙ୍କିବାକୁ ମୋତେ ଭଲ ଲାଗୁଥିଲା। ସେହି ସମୟରେ ପଡ଼ୋଶୀରେ ରହୁଥିବା ଜଣେ ଅପା ଯେତେବେଳେ ଚିତ୍ର ଆଙ୍କୁଥିଲେ ମୁଁ ଯାଇ ସେସବୁକୁ ଦେଖିବା ସହ ଅନୁକରଣ କରୁଥିଲି। ମୋର ଚିତ୍ର ଦେଖି ଘରେ ଓ ସାଙ୍ଗସାଥୀ ପ୍ରଶଂସା କରୁଥିଲେ ; ଯାହା ମୋତେ ଏ କ୍ଷେତ୍ରରେ ଆଗକୁ ଯିବା ପାଇଁ ଉତ୍ସାହିତ କରିଥିଲା। ସମୟକ୍ରମେ ମୁଁ ପଞ୍ଚସଖା ବିଦ୍ୟାପୀଠ ବନପୁର ବିଦ୍ୟାଳୟରୁ ୧୦ମ ପାସ୍ କଲି। ତା'ପରେ ଉତ୍କଳମଣୀ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଯୁକ୍ତ୨ ଓ ଯୁକ୍ତ ୩ ପଢ଼ିଲି। କିନ୍ତୁ ଚିତ୍ରକଳାରେ ମୋର ଆଗ୍ରହ ଥିବାରୁ ମୋର ଜଣେ ପରିଚିତ ଭାଇ ସତ୍ୟନାରାୟଣ ସେଠୀଙ୍କ ପାଖରେ ରହି କିଛିଦିନ ପଟ୍ଟଚିତ୍ର ଆଙ୍କିବା ଶିଖିଲି। ସେ ଭାଇଙ୍କ ପରାମର୍ଶରେ ଚିତ୍ରକଳାରେ ଅଧିକ ଶିକ୍ଷା ଲାଭ କରିବା ପାଇଁ ମନ ବଳାଇଲି। ଭୁବନେଶ୍ୱର ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ନାମ ଲେଖାଇଲି। ବିଭିଏ ପ୍ରିଣ୍ଟିଙ୍ଗ ବିଭାଗରେ ଶିକ୍ଷାଲାଭ କଲି। ବିଶେଷକରି ପ୍ରକୃତି ଆଧାରିତ ବିଭିନ୍ନ ଚିତ୍ର ଅଙ୍କନ କଲି। ଜଣେ ଚିତ୍ରଶିଳ୍ପୀ ହେବାର ସ୍ୱପ୍ନ ମୋର ସାକାର ହେଲା ; ଯାହା ମୋତେ ବହୁତ ଖୁସି ଓ ଆତ୍ମସନ୍ତୋଷ ଦେଲା। ଏଯାଏଁ ପ୍ରାୟ ୬ଶହ ଚିତ୍ର ଅଙ୍କନ କରିସାରିଛି। ଏହି ସବୁ ଚିତ୍ର ବିଶେଷକରି ୱାଟର କଲର୍‌ରେ ପ୍ରସ୍ତୁତ ହୋଇଥାଏ। ଏଯାଏଁ ପ୍ରାୟ ୩୦ଟି ଚିତ୍ର ପ୍ରଦର୍ଶନୀରେ ଭାଗ ନେଇ ମୋ ଚିତ୍ରକୁ ପ୍ରଦର୍ଶନ କରିଛି। ବିକଶିତ ଭାରତ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ଲଳିତକଳା ଏକାଡେମୀ ତରଫରୁ ପୁରସ୍କୃତ ମଧ୍ୟ ହୋଇଛି। ଆର୍ଟ କଲେଜ ଦ୍ୱାରା ଆୟୋଜିତ ତଥା ସଂଗୃହୀତ ଚିତ୍ରକଳା ପ୍ରଦର୍ଶନୀ ପ୍ରତିଯୋଗିତାରେ ଭାଗ ନେବା ମୋ ପାଇଁ ଏକ ଗୌରବ କଥା ବୋଲି ମୁଁ ଅନୁଭବ କରେ। ମୋର ଗୁରୁ ହେଲେ ସତ୍ୟନାରାୟଣ ସେଠୀ, ଚନ୍ଦନକୁମାର ସାମଲ ଏବଂ ମାନସ ନାୟକ ; ଯାହାଙ୍କ ତତ୍ତ୍ୱାବଧାନରେ ମୁଁ ମୋର ଚିତ୍ରକଳାକୁ ଅଧିକ ମନୋନିବେଶ କରିପାରୁଛି। ଚିତ୍ରଟିଏ ଆଙ୍କିବା ସାରିବା ପରେ ମତେ ଲାଗେ ମୁଁ ଯେମିତି ଚିତ୍ର ସହ କଥା ହେଉଛି ; ଯାହା ମୋତେ ମାନସିକ ଶାନ୍ତି ଓ ଆତ୍ମସନ୍ତୋଷ ଦେଇଥାଏ।

*–ବନବିହାରୀ ବେହେରା*






## ହାଃ ହାଃ

### ଏମ୍ଏସ୍

ଶିକ୍ଷକ ରାଜୁକୁ–ମାଇକ୍ରୋସଫ୍ଟ ପ୍ରଡକ୍ଟର ଯେକୌଣସି ୪ଟି ନାମ କୁହ।

ରାଜୁ– ଏମ୍ଏସ୍ ୱାର୍ଡ, ଏମ୍ଏସ୍ ଏକ୍ସେଲ୍, ଏମ୍ଏସ୍ ପାୱାର୍ ପଏଣ୍ଟ...।

ଶିକ୍ଷକ– ଆଉ ଗୋଟେ କ'ଣ ?

ରାଜୁ କିଛି ସମୟ ଭାବିବା ପରେ– ଏମ୍ଏସ୍ ଧୋନୀ।

### ହଜିଛନ୍ତି

ରାଜୁ କୁମ୍ଭମେଳାରେ ହାତ ଯୋଡି କାନ୍ଦି କାନ୍ଦି ପ୍ରାର୍ଥନା କରୁଥାଏ।

ହେ ପ୍ରଭୁ ନ୍ୟାୟ କର..

ହେ ପ୍ରଭୁ ନ୍ୟାୟ କର..

ସବୁବେଳେ ଏଇ ମେଳାରେ କେତେ କିଏ ହଜି ଅଲଗା ହେଇଛନ୍ତି। କେବେ ତ ସ୍ୱାମୀ–ସ୍ତ୍ରୀଙ୍କୁ ଅଲଗା କର...।

### ଚାଲାକି

ରାମୁକୁ କିଛି ଲୋକ ଅପହରଣ କରି ନେଇ ଏକ ଘରେ ବନ୍ଦ କରି ବାହାରକୁ ଚାଲିଗଲେ। ଗଲାବେଳେ କହିଲେ– ଆମେ ଯାଉଛୁ। ଚାଲାକି କଲେ ଜୀବନରେ ମାରିଦେବୁ।

ସନ୍ଧ୍ୟାବେଳେ ଅପହରଣକର୍ତ୍ତା ଫେରି ରାମୁକୁ– କିଛି ଚାଲାକି କରିବାକୁ ଚେଷ୍ଟା କରିନୁ ତ ?

ରାମୁ– ନା। ଖାଲି ଯାହା ଭୋକ ଲାଗିବାରୁ ପଛପଟ ଝରକା ଦେଇ ଘରକୁ ଗଲି। ଆଉ ଖାଇଦେଇକି ଚାଲିଆସିଲି।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



# ବର୍ଷାରେ ବୁଲନ୍ତୁ





**ଏମିତି ବି କେତେକ ଲୋକ ଅଛନ୍ତି, ଯେଉଁମାନେ ବର୍ଷାଦିନେ ପର୍ଯ୍ୟଟନରେ ଯିବାକୁ ଖୁବ୍ ପସନ୍ଦ କରିଥାନ୍ତି। ଖାସ୍ ସେମାନଙ୍କ ପାଇଁ ଏଠାରେ ସେମିତି କେତୋଟି ପ୍ରାକୃତିକ ବୈଭବରେ ଭରା ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯେଉଁଠାକୁ ବର୍ଷକ ବାରମାସ ଯିବାର ସୁବିଧା ଥିଲେ ବି ଖାସ୍ ଏହି ବର୍ଷାଦିନେ ବୁଲିଗଲେ କିଛିଟା ନିଆରା ଅନୁଭୂତି ସାଉଁଟିବାର ସୁଯୋଗ ମିଳିଥାଏ...**

***ୱାୟନାଡ଼:** ରିମ୍‌ଝିମ୍ ବର୍ଷାରେ ଭିଜିଭିଜି ବୁଲିବା ପାଇଁ କେରଳର ୱାୟନାଡ଼ ହେଉଛି ଏକ ସୁନ୍ଦର ସ୍ଥାନ। ବିଶେଷକରି ନିବବିବାହିତା ଦମ୍ପତି କିମ୍ବା ପ୍ରେମୀଯୁଗଳ ବର୍ଷାଦିନେ ଏହି ସ୍ଥାନକୁ ବୁଲିଗଲେ କିଛିଟା ନିଆରା ଅନୁଭୂତି ପାଇପାରିବେ। ଏଠାକାର ଶାନ୍ତ ପରିବେଶରେ କିଛି ସମୟ ବିତାଇବା ସହ ଏଠାରେ ଦେଖିବାକୁ ମିଳୁଥିବା ସୁନ୍ଦର ପାହାଡ, ଝରଣା ତଥା ବୋହି ଯାଉଥିବା ନଦୀର ଜଳକୁ ଉପଭୋଗ କରିବାରେ ଥାଏ ଏକ ଅପୂର୍ବ ସୁଖ।

***ଦାର୍ଜିଲିଂ:** ଖାସ୍‌କରି ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବିଭିନ୍ନ ସ୍ଥାନରୁ ଏଠାକୁ ପର୍ଯ୍ୟଟକ ଧାଇଁ ଆସିଥାନ୍ତି। ସେଥିପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ। ଏପରିକି ବର୍ଷାଦିନେ ବି ଏଠାକୁ ଅନେକ ଆଗନ୍ତୁକ ବୁଲି ଆସୁଥିବାର ନଜିର ଦେଖିବାକୁ ମିଳିଥାଏ। କାରଣ କୁହାଯାଏ, ବର୍ଷାଦିନେ ଏଠାରେ କୁଆଡ଼େ ପ୍ରବଳ ବର୍ଷା ହୋଇଥାଏ। ଆଉ ସେହି ବର୍ଷାରେ ଭିଜିଭିଜି ଏଠାକାର ଶସ୍ୟଶ୍ୟାମଳା କ୍ଷେତର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାରେ ଥାଏ ନିଆରା ଆନନ୍ଦ।

***ଗୋଆ:** ଦମ୍ପତି ହୁଅନ୍ତୁ ବା ପ୍ରେମୀଯୁଗଳ, ସେମାନଙ୍କ ପାଇଁ ଗୋଆ ହେଉଛି ଏକ ସବୁଠୁ ପ୍ରିୟ ହଲିଡେ ଡେଷ୍ଟିନେଶନ। ଅନ୍ୟଦିନ ତୁଳନାରେ ବର୍ଷାଦିନେ ଏଠାକୁ ବୁଲିଗଲେ ସ୍ଥାନୀୟ ବିଚ୍‌ର ଏକ ଅପୂର୍ବ ସୌନ୍ଦର୍ଯ୍ୟ ଉପଭୋଗ କରିବାର ସୁଯୋଗ ମିଳିଥାଏ। କେବଳ ସେତିକି ନୁହେଁ ବର୍ଷାଦିନେ ଏଠାକାର ନାଇଟ୍ ଲାଇଫ୍ ବି ବେଶ୍ ଉପଭୋଗ୍ୟ ହୋଇଥାଏ।

***କୋଡାଗୁ:** କୁର୍ଗ ନାମେ ବି ଏହା ପରିଚିତ। ନିଜର ଆକର୍ଷକ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଏହାର ରହିଛି ବେଶ୍ ଖ୍ୟାତି। ଏହା ଭାରତର ଅନ୍ୟତମ ଲୋକପ୍ରିୟ ହନିମୁନ୍ ଡେଷ୍ଟିନେଶନ ଭାବେ ମଧ୍ୟ ପ୍ରସିଦ୍ଧି ଲାଭ କରିପାରିଛି। ତେବେ ଅନ୍ୟଦିନ ତୁଳନାରେ ବର୍ଷାଦିନେ କୋଡାଗୁର ସୌନ୍ଦର୍ଯ୍ୟ ଦେଖିବାଯୋଗ୍ୟ ହୋଇଥାଏ। ଖାସ୍‌କରି ଏଠାକାର ଜଙ୍ଗଲ ପରିବେଷ୍ଟିତ ପାହାଡ଼, ଘାଟି ତଥା ଝରଣା ଆଦି ବର୍ଷାଦିନେ ନବଯୌବନ ପାଇଲା ଭଳି ଅନୁଭବ ହୁଏ।

***ମହାବଳେଶ୍ୱର :** ଜୁଲାଇ, ଅଗଷ୍ଟ ମାସ ବେଳେ ମହାରାଷ୍ଟ୍ରସ୍ଥିତ ମହାବଳେଶ୍ୱରର ସୌନ୍ଦର୍ଯ୍ୟ ଭିନ୍ନ ଏକ ସ୍ତରରେ ଥିଲାଭଳି ଅନୁଭବ ହୋଇଥାଏ। ସେଥିପାଇଁ ବହୁ ସଂଖ୍ୟାରେ ଦମ୍ପତି ହୁଅନ୍ତୁ ଅବା ପ୍ରେମୀଯୁଗଳଙ୍କୁ ବର୍ଷାଦିନେ ଏଠାରେ ଦେଖିବାକୁ ମିଳିଥାଏ। ଷ୍ଟ୍ରବେରୀ ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ମହାବଳେଶ୍ୱରରେ ପର୍ଯ୍ୟଟକ ବର୍ଷାଦିନେ ବୋଟିଂ କରିବାର ମଜା ମଧ୍ୟ ନେଇଥାନ୍ତି।



***ମୁନ୍ନାର:** ସବୁଜ ବନାନୀ ଘେରା ଘାଟି, ସୌନ୍ଦର୍ଯ୍ୟପୂର୍ଣ୍ଣ ଝରଣା ତଥା ଆକର୍ଷଣୀୟ ହ୍ରଦର ସୌନ୍ଦର୍ଯ୍ୟରେ ମୁନ୍ନାର ପରିବେଶ ବେଶ୍ ଆକର୍ଷକ ଲାଗିଥାଏ। ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ଭରି ରହିଥିବା ମୁନ୍ନାର କେରଳର ଏମିତି ଏକ ସହର ଅଟେ, ଯେଉଁଠାରେ ଶାନ୍ତ ବାତାବରଣ ସାଙ୍ଗକୁ ଅନେକ କିଛି ପର୍ଯ୍ୟଟନସ୍ଥଳୀ ଦେଖିବାକୁ ମିଳିଥାଏ। ଖାସ୍ ସେଥିପାଇଁ କୋଳାହଳପୂର୍ଣ୍ଣ ଜୀବନରୁ କିଛି ସମୟର ବିରତି ନେଇ ପର୍ଯ୍ୟଟକ ଏହି ସ୍ଥାନକୁ ଶାନ୍ତି ପାଇବା ଆଶାରେ ଧାଇଁ ଆସିଥାନ୍ତି।



***ମେଘାଳୟ:** ପାହାଡ ଦ୍ୱାରା ଘେରି ହୋଇ ରହିଥିବା ମେଘାଳୟକୁ ଅନେକେ ବାଦଲର ଘର ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି। ପାହାଡ, ପର୍ବତ ଘେରା ସାଙ୍ଗକୁ କଳକଳ ନାଦ କରି ବୋହି ଯାଉଥିବା ନଦୀ ଆଉ ଝରଣାର ସୌନ୍ଦର୍ଯ୍ୟ ଏଠାକାର ପରିବେଶକୁ ବେଶ୍ ଆକର୍ଷଣୀୟ କରି ଦେଇଥାଏ। ଆଉ ବର୍ଷାଦିନେ ତ ଏଠାକାର ପ୍ରାକୃତିକ ପରିବେଶକୁ ଦେଖିବା ଯୋଗ୍ୟ ହୋଇଥାଏ।

କେବଳ ଏତିକି ସ୍ଥାନ ନୁହେଁ, ଭାରତରେ ଆହୁରି ବି ଏମିତି ଅନେକ ସ୍ଥାନ ରହିଛି ଯେଉଁଠାକୁ ବର୍ଷାଦିନେ ବୁଲିଯାଇ ନିଆରା ଅନୁଭୂତି ସାଉଁଟି ପାରିବେ।






# ପୂଜାବ୍ରତରେ କାହିଁକି ପିଆଜ ରସୁଣ ମନା



**ହିନ୍ଦୁଧର୍ମରେ ଅନେକ ମାନ୍ୟତା ରହିଛି। ତନ୍ମଧ୍ୟରେ ପୂଜାବ୍ରତ ସମୟରେ ପିଆଜ ରସୁଣ ସେବନ ନ କରିବା ଅନ୍ୟତମ। ପିଆଜ ରସୁଣ ଯୁକ୍ତ ଖାଦ୍ୟ ଈଶ୍ୱରଙ୍କୁ ପ୍ରସାଦ ଭାବେ ମଧ୍ୟ ଅର୍ପଣ କରାଯାଇ ନ ଥାଏ। ଯଦିଓ ପିଆଜ ରସୁଣ ମଧ୍ୟରେ ଔଷଧୀୟ ଗୁଣ ଭରି ରହିଛି। ତେବେବି ଏହାକୁ ପୂଜା ବ୍ରତରେ ସେବନ କରିବା ନିଷିଦ୍ଧ। ହେଲେ କାହିଁକି, ଜାଣନ୍ତୁ ସେ ସମ୍ପର୍କରେ...**

ହିନ୍ଦୁଧର୍ମରେ ଖାଦ୍ୟକୁ ତିନିଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ହେଉଛି ସାତ୍ତ୍ୱିକ। କ୍ଷୀର, ଦହି, ଘିଅ, ଚାଉଳ, ମୁଗ, ପନିପରିବା ଆଦି ସାତ୍ତ୍ୱିକ ଆହାର ଅନ୍ତର୍ଭୁକ୍ତ। ଏହି ଖାଦ୍ୟ ସକାରାତ୍ମକତା, ଶାନ୍ତି, ସଞ୍ଜମତା, ଜ୍ଞାନ ଆଦି ବୃଦ୍ଧି କରିଥାଏ। ତେଣୁ ଏସବୁକୁ କେବଳ ଉପବାସ ସମୟରେ ନୁହେଁ ସବୁଦିନ ଗ୍ରହଣ କଲେ ଭଲ। ଦ୍ୱିତୀୟ ହେଉଛି ରାଜସିକ। ରାଗ, ଖଟା, ଅଧିକ ଲୁଣି, ଚଟପଟା ଆଦି ଖାଦ୍ୟ ଯାହା ରଜୋଗୁଣ ବଢାଏ ସେଗୁଡ଼ିକ ରାଜସିକରେ ଅନ୍ତର୍ଭୁକ୍ତ। ଏହା ପାଟିକୁ ସ୍ୱାଦିଷ୍ଟ ହେଲେ ବି ଶରୀର ପାଇଁ ଭଲ ନୁହେଁ। ତୃତୀୟ ହେଉଛି ତାମସିକ। ପିଆଜ, ରସୁଣ, ଛତୁ, ମାଛ ମାଂସ, ଅଣ୍ଡା ଆଦି ତମୋଗୁଣ ବଢାଇଥାଏ। ଏହି ଖାଦ୍ୟ ଉତ୍ତେଜନା, ଅହଂକାର, କ୍ରୋଧ, ଆଳସ୍ୟ, ଅଜ୍ଞାନତା, ବିଳାସୀ ଆଦି ଗୁଣ ବଢାଇଥାଏ। ତେଣୁ ଏହି ଖାଦ୍ୟ ନା ଶରୀର ପାଇଁ ନା ମନ ପାଇଁ ଭଲ।



ଶ୍ରୀମଦ ଭଗବଦ ଗୀତାର ୧୭ମ ଅଧ୍ୟାୟରେ ଲେଖାଯାଇଛି ଯେ, ବ୍ୟକ୍ତି ଯେମିତି ଭୋଜନ କରନ୍ତି ସେହିଭଳି ତାଙ୍କ ପ୍ରକୃତି ହୋଇଥାଏ। ଯେଉଁ ଭୋଜନ କଲେ ପାଟିରୁ ଦୁର୍ଗନ୍ଧ ବାହାରେ ତାକୁ ତାମସିକ ବୋଲି କୁହାଯାଏ। ପିଆଜ ରସୁଣ ତିବ୍ର ଗନ୍ଧଯୁକ୍ତ ତାମସିକ ଖାଦ୍ୟ। ଉତ୍ତେଜନା, ଅଜ୍ଞାନତା ବୃଦ୍ଧି କରୁଥିବା ଏହି ଖାଦ୍ୟକୁ ଖାଇଲେ ଆଧ୍ୟାତ୍ମିକ ମାର୍ଗରେ ଚାଲିବାରେ ବାଧା ଉତ୍ପନ୍ନ ହୋଇଥାଏ ଓ ବ୍ୟକ୍ତିଙ୍କ ଚେତନା ପ୍ରଭାବିତ ହୁଏ। ତେଣୁ ସାଧୁସନ୍ଥ ଏଭଳି ଖାଦ୍ୟଠୁ ଦୂରେଇ ରୁହନ୍ତି। ବୈଷ୍ଣବ ଓ ଜୈନ ଧର୍ମର ପ୍ରାୟ ଲୋକ ପିଆଜ ରସୁଣ ବ୍ୟବହାର କରନ୍ତି ନାହିଁ। କାରଣ ସେମାନେ ପ୍ରାୟତଃ ବ୍ରତରେ ରୁହନ୍ତି ଓ ନିୟମର ପାଳନ କରନ୍ତି।

**ପୌରାଣିକ କଥାବସ୍ତୁରେ ପିଆଜ:** କୁହାଯାଏ ଭଗବାନ ବିଷ୍ଣୁ ମୋହିନୀ ରୂପ ଧାରଣ କରି ଯେବେ ସମୁଦ୍ର ମନ୍ଥରୁ ବାହାରିଥିବା ଅମୃତକୁ ଦେବତାଙ୍କ ମଧ୍ୟରେ ବାଣ୍ଟୁଥିଲେ ସେତେବେଳେ ରାହୁ ନାମକ ଦୈତ୍ୟ ଦେବତା ବେଶ ଧାରଣ କରି ଲୁଚି ଲୁଚି ଆସି ଦେବତାଙ୍କ ଧାଡିରେ ବସି ଯାଇଥିଲେ। ଆଉ ଭଗବାନ ବିଷ୍ଣୁ ରାହୁ ପାଟିରେ ବି ଅମୃତ ଢାଳି ଦେଇଥିଲେ। ଏହି ସମୟରେ ଚନ୍ଦ୍ର ଦେବତା ଜାଣି ନେଇଥିଲେ ଯେ ଏ ଦେବତା ନୁହେଁ ଦୈତ୍ୟ ରାହୁ ବୋଲି। ଭଗବାନ ବିଷ୍ଣୁ ତତ୍କ୍ଷଣାତ ନିଜ ଅସଲ ରୂପକୁ ଆସି ସୁଦର୍ଶନ ଚକ୍ର ପେଶଣ କରି ରାହୁର ମୁଣ୍ଡ ଗଣ୍ଡି ଅଲଗା କରି ଦେଇଥିଲେ। ଫଳରେ ଅମୃତ ରାହୁର ତଣ୍ଟିରୁ ତଳକୁ ଖସି ପାରି ନ ଥିଲା। ରାହୁର କଟାମୁଣ୍ଡରୁ ଯେଉଁ ରକ୍ତ ଭୂମିରେ ପଡ଼ିଲା ସେଇଥିରୁ ପିଆଜ ରସୁଣଗଛ ସୃଷ୍ଟି ହୋଇଥିବା କୁହାଯାଏ। ଯେହେତୁ ଏଥିରେ ଅମୃତ ଓ ରକ୍ତ ଉଭୟ ମିଶିଥିଲା ସେଥିପାଇଁ ଏହି ଗଛରେ ଅନେକ ଔଷଧୀୟ ଗୁଣ ମହଜୁଦ ଅଛି। ହେଲେ ଏଥିରେ ଦାନବ ରକ୍ତ ବି ଥିବାରୁ ଏହା ତୀବ୍ର ଗନ୍ଧଯୁକ୍ତ ଓ ଅପବିତ୍ର ବୋଲି ମନେ କରାଯାଏ। ଆଉ ଏହା ତାମସିକ ଗୁଣ ବି ବୃଦ୍ଧି କରାଏ ।

ଆୟୁର୍ବେଦ ଅନୁସାରେ ପିଆଜ ରସୁଣ ଶରୀର ପାଇଁ ଉପକାରୀ। ତେବେ କିଛି ଗବେଷଣା କହେ ରସୁଣ ଏକ ଭଲ ଆଣ୍ଟିବାଇଓଟିକ ହୋଇଥିଲେ ହେଁ ବେଳେବେଳେ ଏହା ଖରାପ ଜର୍ମ ସହ ଭଲ ବାକ୍ଟେରିଆକୁ ବି ନାଶ କରିଦିଏ। ସେହିଭଳି ସଲଫର୍‌ରେ ପରିପୂର୍ଣ୍ଣ ପିଆଜ ରସୁଣ ଶରୀରକୁ ଗରମ କରାଏ। ଏହା ପିତ୍ତ ଅଂଶକୁ ବି ବଢାଏ। ତେଣୁ ଯେଉଁମାନେ ଅଲସର୍, କୋଲାଇଟିସ୍, ହାର୍ଟବର୍ନ, ଇଣ୍ଟେଷ୍ଟିନାଲ ଇନଫ୍ଲେମେସନ୍ ଆଦିରେ ଆକ୍ରାନ୍ତ ସେମାନେ ପିଆଜ ରସୁଣ ଖାଇବା ଭଲ ନୁହେ। କାରଣ ଏହାକୁ ସେବନ କଲେ ଏସବୁ ରୋଗ ବଢିବାର ଆଶଙ୍କା ଥାଏ।



# ୱାଶିଂ ମେସିନ ଫିଙ୍ଗି ରେକର୍ଡ଼



ୱାଶିଂ ମେସିନ୍‌ର ବ୍ୟବହାର ମଇଳା କପଡ଼ାକୁ ସଫା କରିବା ଲାଗି କରାଯାଏ। ଏହି ଆଧୁନିକ ଯନ୍ତ୍ର ମଣିଷର କାମକୁ ଅନେକାଂଶରେ ହାଲ୍କା କରିଥାଏ। ତେଣୁ ଏହାକୁ ବେଶ୍ ଯତ୍ନରେ ସମସ୍ତେ ରଖନ୍ତି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ପ୍ରତିଯୋଗିତା ଅଛି ଯେଉଁଥିରେ ପ୍ରତିଯୋଗୀଙ୍କୁ ୱାଶିଂ ମେସିନ୍‌କୁ ଟେକି ତାକୁ ଦୂରକୁ ଫୋପାଡ଼ିବାକୁ ହୁଏ। ଯିଏ ଅଧିକ ଦୂର ଫିଙ୍ଗନ୍ତି ସେ ବିଜୟୀ ହୁଅନ୍ତି। ଏଥିରେ ଶକ୍ତିଶାଳୀ ବଡ଼ି ବିଲ୍‌ଡ଼ରମାନେ ଅଂଶ ଗ୍ରହଣ କରନ୍ତି। ଆଉ ଓଜନିଆ ୱାଶିଂମେସିନ୍‌କୁ ଏକୁଟିଆ ଟେକି ଫୋପାଡ଼ନ୍ତି। ସ୍ୱିଡ଼େନର ବଡ଼ି ବିଲ୍ଡର ଜୋହାନ ଏସ୍ପେନକ୍ରୋନା ୪୬ କି.ଗ୍ରା. ୱାଶିଂ ମେସିନ୍‌କୁ ୧୪ ଫୁଟ ୭.୨ ଇଞ୍ଚ ଦୂର ଫୋପାଡ଼ି ପ୍ରତିଯୋଗିତା ଜିତିବା ସହ ରେକର୍ଡ ସୃଷ୍ଟି କରିଥିଲେ। ପ୍ରତିଯୋଗିତାରେ ୱାଶିଂ ମେସିନ୍‌ଗୁଡ଼ିକୁ ପ୍ରତିଯୋଗୀମାନେ ଖେଳଣା ଭଳି ଟେକି ଫିଙ୍ଗନ୍ତି। ଉକ୍ତ ପ୍ରତିଯୋଗିତା ଦେଖିବାକୁ ବେଶ୍ ମଜାଦାର।



# ମୋରା ଭାରତ ମହାନ୍



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

ପିଲାଦିନେ ସେଉ ବୁନ୍ଦିଆ ଖାଇବାର ଖୁସିରେ ହେଉ କି ରଘୁପତି ରାଘବ ରାଜାରାମ ଗୀତ ଗାଇ ଗାଇ ପ୍ରଭାତ ଫେରି କରିବା ଖୁସିରେ ଆମକୁ ଜାତୀୟ ଦିବସରେ ସପ୍ତାହେ ପୂର୍ବରୁ ନିଦ ହେଉ ନ ଥିଲା । ବହୁ ପୂର୍ବରୁ ଆମର ପ୍ରସ୍ତୁତି ଆରମ୍ଭ ହେଇଯାଉଥିଲା । ବିଶେଷ କରି ସ୍ୱାଧୀନତା ଦିବସ ପାଇଁ । ଅଗଷ୍ଟ ପନ୍ଦର ଦିନ ସକାଳ ସାଢ଼େ ନଅ ଭିତରେ ସ୍କୁଲରେ ଔପଚାରିକ ପାଳନର ସବୁ କାମ ସରିଯାଉଥିଲା । ତେଣୁ ସେ ଦିନ କ୍ରିକେଟ ମ୍ୟାଚ ହେବା ଥୟ । ବିଭିନ୍ନ ସାହିର ପିଲାମାନଙ୍କ ଦ୍ୱାରା ଗଠିତ କ୍ଲବ ଭିତରେ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ସ୍କୁଲର ଛୁଟିଦିନ ଦରକାର । ସେହି ଅନୁଯାୟୀ ଅଗଷ୍ଟ ପନ୍ଦର ହେଉ କି ଅନ୍ୟ ଛୁଟିଦିନ ହେଉ ପ୍ରାୟ ସପ୍ତାହେ ପୂର୍ବରୁ ଆମର ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ । ସ୍କୁଲରେ ପତାକା ଉତ୍ତୋଳନ ପରେ ଜିଲା ପରେଡ୍‌ରେ ଭାଗ ନେବାକୁ ସ୍କୁଲରୁ ନିର୍ବାଚିତ ପରେଡ୍ ଛୁଆଙ୍କ ସହ ସାର୍ ଯାଆନ୍ତି, ବାକି ପିଲାମାନେ ସେଉ ବୁନ୍ଦି ଖାଇ ନିଜ ନିଜ ଘରକୁ ଫେରନ୍ତି । ଉଚ୍ଚତା, ମୋଟେଇ, ସ୍ମାର୍ଟ ପିଲା ଦେଖି ଶେଷ ଦିନ ପର୍ଯ୍ୟନ୍ତ ପରେଡ୍ ରିହର୍ସଲ କରି କରି ମୋ ଦେଇ ଭଲ ପରେଡ୍ ହୁଏନି କି ମୁଁ ଜିଲା ପରେଡ୍ କରିବାକୁ ଷ୍ଟାଡିୟମ ଯାଏ ଯାଇପାରେନି, କିନ୍ତୁ ସେଇ ବାହାନାରେ ସ୍କୁଲରୁ ଖସି ଟୁର୍ନାମେଣ୍ଟ ଜାଗାରେ ପହଞ୍ଚିଯାଏ । ସେଇଠି କିଏ ଖେଳାଉ କି ନ ଖେଳାଉ ସାହିର ନାଁ କରା ବଡ଼ ଭାଇଙ୍କ ବୋଲ ହାକ କରିଦେବାରେ ଯେଉଁ ଖାତିର ମିଳେ ସେ ସୁଖ ବୁଝେଇ କହିହେବ ନାହିଁ । ଘରୁ ବି ସେହିଦିନ ବାହାରେ ରହିବାକୁ ନେଇ ସେମିତି କିଛି ଆକଟ ନ ଥାଏ । ମାନେ ଫୁଲ ସ୍ୱାଧୀନତା ମିଳେ । ଯେଉଁମାନେ ଦେଶ ସ୍ୱାଧୀନ କଲେ ଓ ଏହି ବିଶେଷ ଦିନକୁ ସ୍ମରଣ କରିବା ପାଇଁ ଛୁଟି ଘୋଷଣା କଲେ ସେ ସମସ୍ତ ମହତ ଆତ୍ମାମାନଙ୍କୁ ପ୍ରଭୁ ଫୁଲ ଦୋଳିରେ ଝୁଲାଉଥାନ୍ତୁ ।

ଗୋଟିଏ କଥାକୁ ବାରମ୍ବାର ଦୋହରାଇଲେ ସେଥିପ୍ରତି ଆଉ ଆକର୍ଷଣ ରହେ ନାହିଁ । ପିଲାର ପ୍ରଥମ ଜନ୍ମ ବାର୍ଷିକୀ ପାଇଁ ଯେତିକି ପ୍ରସ୍ତୁତି ହୁଏ ପିଲା ବଡ଼ ହେଲେ ସେହି ଅନୁଯାୟୀ ଜନ୍ମଦିନର ପ୍ରସ୍ତୁତି ହୁଏ ନାହିଁ । ଆମ ବେଳେ ଆମେ ସ୍ୱାଧୀନତା ଦିବସ ପାଳନ ପାଇଁ କାଉ କା ନ କରୁଣୁ ଗାଧେଇ ପାଧେଇ ସ୍କୁଲରେ ପହଞ୍ଚି ପ୍ରଭାତ ଫେରି ସହ ପତକା ଉତ୍ତୋଳନରେ ସାମିଲ ହେଉଥିଲୁ । ମହାତ୍ମା ଗାନ୍ଧୀ କି ଜୟ, ଭାରତ ମାତା କି ଜୟ, ସୁଭାଷ ବୋଷ କି ଜୟ ସ୍ଲୋଗାନ ଦେଉଥିଲୁ । ଦେଶ ସ୍ୱାଧୀନ ହେବା ଦିନଠାରୁ ଆଜିଯାଏଁ ପ୍ରତିବର୍ଷ ସେଇ ଗୋଟିଏ ପ୍ରକାର କାର୍ଯ୍ୟକ୍ରମରେ ପିଲା ବିରକ୍ତ ହେଇଗଲେଣି । ଗାନ୍ଧିଜୀ ଓ ନେତାଜୀ ସେ କାଳ ପଖାଳ ହେଲେଣି । ଏବେ ପିଲା ମୁଖ୍ୟମନ୍ତ୍ରୀ ନଚେତ ପ୍ରଧାନମନ୍ତ୍ରୀଙ୍କ ଜୟ କହିଲେଣି । ଆମବେଳେ ଯେଉଁ ଚଣା ସେଓ ବୁନ୍ଦିକୁ ଆମେ ପ୍ରସାଦ ଭଳି ଖୁସିରେ ସେବନ କରୁଥିଲୁ ଏବେ ପିଜା ବର୍ଗର ଖାଉଥିବା ପିଲାଙ୍କୁ ତାହା ଅରୁଚି ଲାଗୁଛି ।

ସାମାଜିକ ଗଣମାଧ୍ୟମ ଏକ ବିଚିତ୍ର ମାଧ୍ୟମ । ଏହାର ଯେତେ ପ୍ରଶଂସା କଲେ କମ ହେବ (ଫେସବୁକ ଓ ହ୍ୱାଟ୍ସଆପର ମାଲିକ ମାର୍କଜୁକରବର୍ଗଙ୍କର ପ୍ରଭୁ ମଙ୍ଗଳ କରନ୍ତୁ) । ଅନେକ ଲୋକ ତ ହ୍ୱାଟ୍ସଆପ ଖୋଲିଛନ୍ତି କେବଳ ଅନ୍ୟକୁ ସକାଳେ ସନ୍ଧ୍ୟାରେ ଶୁଭକାମନା ଜଣେଇବା ସହ ବିଶେଷ ଦିନମାନଙ୍କରେ ଶୁଭେଚ୍ଛା ବାର୍ତ୍ତା ପଠେଇବା ପାଇଁ । ଏଇ କିଛିଦିନ ତଳେ ଜଣେ ମୋତେ ଆଦିବାସୀ ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣେଇଥିଲେ, ସେମିତି କିଛିମାସ ତଳେ ମୋ ପାଖକୁ ଜଣେ ବନ୍ଧୁ ମହିଳା ଦିବସର ଅଭିନନ୍ଦନ ବାର୍ତ୍ତା ପଠେଇଥିଲେ । ତାକୁ ଦେଖି ମୁଁ ଦ୍ୱନ୍ଦ୍ୱରେ ପଡ଼େ । ବନ୍ଧୁ ମୋତେ ମହିଳା ଭାବୁନାହାନ୍ତି ତ ! ପରେ ଜାଣି ଆଶ୍ୱସ୍ତ ହେଲି ଯେ ବନ୍ଧୁ ସବୁ ଦିବସ ଉପଲକ୍ଷେ ଜାତି ଧର୍ମ ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କ ପାଖକୁ ନିଜ ମୋବାଇଲ ଗ୍ୟାଲେରି ଗୋଦାମରେ ଯାହା ବି ଷ୍ଟକ ଥାଏ ତାକୁ ସମସ୍ତଙ୍କ ପାଖକୁ ପଠେଇଦିଅନ୍ତି । ଫଟୋ ହେଉ କି ଭିଡିଓ ହେଉ ତାକୁ ବନେଇଲା କିଏ ଅନ୍ୟମାନଙ୍କୁ ପଠେଇ ବାହାବା ନେଲା କିଏ ? ଯିଏ ଯାହାଠୁ ଫଟୋ କି ଭିଡିଓ ପାଇଲା ତାକୁ ଅନ୍ୟଜଣଙ୍କ ପାଖକୁ ତୁରନ୍ତ ପଠେଇ କାମ ସାରିଦେବା କଥା । ଯାକୁ କୁହନ୍ତି ପର ଖୋଳରେ କୀର୍ତ୍ତନ କରିବା । ଅବଶ୍ୟ ପରଖୋଳ କୀର୍ତ୍ତନରେ ଯେଉଁ ବିମଳ ଆନନ୍ଦ ଅଛି ତାହା କେବଳ ଅନୁଭବୀ ହିଁ ଜାଣେ । ବିଶେଷ ଦିନମାନଙ୍କରେ ଶୁଭେଚ୍ଛା ବାର୍ତ୍ତା ପଠେଇବାରେ ବନ୍ଧୁମାନେ କେବେ ହେଳାକରନ୍ତି ନାହିଁ । କିଛି ବନ୍ଧୁ ଏହାର ବେଶ୍ କିଛି ଦିନ ପୂର୍ବରୁ ଭଲ ସୁନ୍ଦରିଆ ଫଟୋରେ ଜାତୀୟ ପତାକା ଦେଇ ସୁନ୍ଦର ଡିପି ଅପଡେଟ କରନ୍ତି । ସଂଗ୍ରହ ହୋଇଥିବ ଶୁଭେଚ୍ଛା ଓ ଭିଡିଓ ବାର୍ତ୍ତା ସେହି ବିଶେଷ ଦିନର ପୂର୍ବରାତି ବାର ବାଜୁ ବାଜୁ ପ୍ରେରଣର ଆରମ୍ଭ ହୋଇଯାଏ । ରାତି ଅଧଯାଏ ଚେଇଁ ରହି ବନ୍ଧୁମାନଙ୍କୁ ସ୍ୱାଧୀନତା ଦିବସର ଶୁଭ ମନାସିବା କ'ଣ ସାଧାରଣ କଥା ! ନିଜ ଶରୀରକୁ କଷ୍ଟ ଦେଇ ଦେଶର ଶୁଭ ମନାସୁଥିବା ଭୀମ ଭୋଇମାନଙ୍କୁ ମୁଁ ସାଦର ପ୍ରଣାମ କରେ । ଗତ ସ୍ୱାଧୀନତା ଦିବସ ଅବସରରେ ପୂର୍ବ ମଧ୍ୟରାତ୍ରରୁ ଅଗଷ୍ଟ ପନ୍ଦର ମଧ୍ୟ ରାତ୍ର ପର୍ଯ୍ୟନ୍ତ ଏତେସଂଖ୍ୟାରେ ଶୁଭେଚ୍ଛା ବାର୍ତ୍ତା ଆସିଥିଲା ଯେ ସେ ସବୁ ଦେଖି ପଢି ମୋତେ କ୍ଷଣିକ ପାଇଁ ଲାଗିଲା ଯେମିତି ଦେଶକୁ ମୁଁ ସ୍ୱାଧୀନ କରିଥିଲି ।



ଆଜିକାଲି ନେତାଙ୍କ ସମାଜସେବା ଠାରୁ ଭଗବାନଙ୍କ ଦର୍ଶନ, ପିଲାଙ୍କ ପାଠପଢ଼ାଠାରୁ ଫର୍ମ ଫିଲପ୍, ପରୀକ୍ଷା ସବୁ ଅନ୍‌ଲାଇନ । ଏକ ସଂସ୍ଥା ଦ୍ୱାରା ଅନୁସନ୍ଧାନରୁ ଜଣା ପଡ଼ିଛି ଯେ ଦେଶର ପ୍ରାୟ ଅଶୀ ଭାଗ ସ୍କୁଲ ପିଲା ଚାହୁଁଛନ୍ତି ଦେଶରେ ପୁଣିଥରେ କରୋନା ହଉ । ପୂର୍ବ ଭଳି ପାଠପଢ଼ା ଓ ପରୀକ୍ଷା ଅନ୍‌ଲାଇନ ହେଉ । ଅନ୍‌ଲାଇନ ପଦ୍ଧତିର ଆଧୁନିକ ରୂପ ହେଲା ଲାଇଭ କାର୍ଯ୍ୟକ୍ରମ । ଏବେର ଛୁଆଙ୍କୁ ସ୍କୁଲର ପତକା ଉତ୍ତୋଳନ କାର୍ଯ୍ୟକ୍ରମ ଆଉ ଭଲ ଲାଗୁନି । ପ୍ରତିଦିନ ସ୍କୁଲ, ଏକ୍ସଟ୍ରା କ୍ଲାସ, ଟିଉସନ୍, ଡ୍ରଇଂ, କରାଟେ କ୍ଲାସ କରି କରି ଥକି ଯାଉଥିବା ପିଲା ପାଇଁ ସ୍ୱାଧୀନତା ଦିବସ ଛୁଟି ଯଦି ଦିନେ ମିଳୁଛି ସେଥିକୁ ଆଖି କାହିଁ । ଚାକିରିଆ ଅଭିଭାବକମାନଙ୍କ ପାଇଁ ସମସ୍ୟା ହେଲା ଛୁଟିଦିନରେ ସକାଳୁ ପିଲାଙ୍କୁ ନେଇ ସ୍କୁଲରେ ଛାଡି ପୁଣି ଘଣ୍ଟାଏ ପରେ ଆଣିବାକୁ ଯିବା । ତେଣୁ ସେମାନେ ବି କିଛି କିଛି ବାହାନା କରି ସ୍କୁଲରେ ପାଳିତ ହେଉଥିବା ସ୍ୱାଧୀନତା ଦିବସ ପାଇଁ ପିଲାଙ୍କୁ ପଠେଇବା ପାଇଁ ଆଗ୍ରହ ଦେଖାଉ ନାହାଁନ୍ତି । ବିକାଶର ନାରା ଦେଉଥିବା ଦେଶ ପାଇଁ ସ୍ୱାଧୀନତା ଦିବସ ପାଳନ କରିବାକୁ ନୂଆ ନୂଆ ଉପାୟ ଖୋଜା ଚାଲିଛି ।

ଶୁଣିଲି କାଲେ ଗୋଟେ ସ୍କୁଲର ଅଭିଭାବକମାନଙ୍କ ଅନୁରୋଧକୁ ସମ୍ମାନ ଦେଇ ଅଧକ୍ଷ ପିଲାମାନଙ୍କ ପାଇଁ ପତକା ଉତ୍ତୋଳନ କାର୍ଯ୍ୟକ୍ରମକୁ ଫେସବୁକ ଲାଇଭ ଜରିଆରେ କରିଲେ । ପିଲାମାନେ ବି ଖୁସି ଖୁସି ଲାଇଭ ଶୋକୁ ଲଗ ଇନ କରି ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତିରେ ବ୍ୟସ୍ତ ରହିଲେ । ଏପଟେ ସ୍କୁଲର ତ୍ରିରଙ୍ଗା ଉତ୍ତୋଳନ ଚାଲିଥିଲାବେଳେ ସେପଟେ ପିଲାଙ୍କ କ୍ରିକେଟ ଟୁର୍ନାମେଣ୍ଟ ବଡ଼ ସରଗରମରେ ଚାଲିଥିଲା । ଅନ୍ୟ ଏକ ସ୍କୁଲ କର୍ତ୍ତୃପକ୍ଷ ଅଗଷ୍ଟ ପନ୍ଦରର ସମସ୍ତ କାର୍ଯ୍ୟକ୍ରମର ଭିଡିଓ ୟୁ ଟ୍ୟୁବରେ ଛାଡି ତା'ର ଲିଙ୍କ ପିଲାମାନଙ୍କ ପାଖକୁ ପଠେଇଦେଲେ । ଯେମିତି ପିଲାମାନେ ଏହି ମହତ ଦିବସକୁ ନିଜ ନିଜ ସୁବିଧା ଓ ସମୟ ଅନୁଯାୟୀ ଘରେ ବସି ପାଳନ କରିପାରିବେ ।

ସରକାର ବି କେଉଁ ପଛରେ ଅଛନ୍ତି ! ଦେଶର ଜନସାଧାରଣଙ୍କୁ ସ୍ୱତନ୍ତ୍ରତା ଦିବସରେ ସାମିଲ ହେବା ପାଇଁ ପ୍ରତିବର୍ଷ ନୂଆ ନୂଆ ଯୋଜନା ଆରମ୍ଭ କରୁଛନ୍ତି । କେବେ ପ୍ରତି ଘରେ ତ୍ରିରଙ୍ଗା ତ କେବେ ସେଲ୍ଫି ୱିଥ ତ୍ରିରଙ୍ଗା । ହୋଟେଲମାନେ ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ସେମାନଙ୍କ ମେନୁର ବିଚିତ୍ର ନାମକରଣ କରୁଛନ୍ତି । ଶୁଦ୍ଧ ଶାକାହାରି ଥାଳିର ନାଁ ଗାନ୍ଧୀ ଥାଳି ତ ଆମିଷ ଥାଳିର ନାଁ ସୀମାନ୍ତ ଗାନ୍ଧୀ । ଲୁଗା ଦୋକାନଠାରୁ ନେଇ ସିମେଣ୍ଟ ଦୋକାନ ପର୍ଯ୍ୟନ୍ତ ସମସ୍ତଙ୍କର ସ୍ୱାଧୀନତା ଦିବସ ଅଫର ଚାଲିଛି । ସ୍ୱାଧୀନତା ଦିବସ ନୁହେଁ ତ ମାନ ବେପାର ପାଇଁ ଏହା ଏକ ବାହାନା ଦିବସ । ଯାହାକୁହ ଦେଶ ସ୍ୱାଧୀନ କରି ସ୍ୱାଧୀନତା ସଂଗ୍ରାମୀମାନେ ଯେତିକି ଖୁସି ହେଇ ନ ଥିବେ ତା' ଠାରୁ ଅଧିକ ଖୁସି ମୋ ଭଳି କିଛି ଆଜନ୍ମ ଛୁଟିପ୍ରିୟ ଦେଶପ୍ରେମୀ । ସରକାରୀ ଛୁଟି ପାଇଁ କର୍ମଜୀବୀ ଓ ପିଲାମାନେ ବି ଖୁସି । ଆଉ କିଛି ମନେ ରହୁ କି ନ ରହୁ କିନ୍ତୁ ସରକାରୀ ଛୁଟିଦିନର ତାରିଖ ନିଶ୍ଚିତଭାବେ ମନେରଖୁ । ଆଉ ଯଦି ଲାଗ ଲାଗ ଦୁଇ ତିନିଦିନ ଛୁଟିଦିନ ପଡ଼ିଗଲା ତେବେ ତ କଚେ ପୁଅ ବାର, ସ୍ୱାଧୀନ ଦେଶର ଖଣ୍ଡେ ଜାଗା ବୁଲିଆସିବା କଥା ।

ଯେଉଁ ଦେଶରେ ଅଧାରୁ ଅଧିକ ନାଗରିକ ଜାତୀୟ ସଙ୍ଗୀତ ଠିକ୍‌ରେ ଗାଇପାରୁନାହାନ୍ତି ସେଠି ସ୍ୱାଧୀନତା ଦିବସର ମହତ୍ତ୍ୱ କେବଳ ବୃହତ୍ତମ ପତାକା, ତ୍ରିରଙ୍ଗା ଟୋପି, ଷ୍ଟିକର, ସେଲ୍ଫି, ମଉଜ ମଜଲିସ ତଥା ଅନ୍ୟତମ ସରକାରୀ ଛୁଟିଦିବସ ଭିତରେ ସୀମିତ ହୋଇ ରହିଯାଇଛି ।

– ବନମାଳୀ ଭବନ, ଖାନ୍ ନଗର, କଟକ
ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ତୁଳନାର ଅଭିବ୍ୟଞ୍ଜନାରେ ଗଙ୍ଗାଧର

**ପ୍ରଫେସର ମଣୀନ୍ଦ୍ର ମେହେର**
**ପ୍ରକାଶକ– ସାର୍ଥକ ପବ୍ଲିକେଶନ୍‌ସ**
**ପାର୍ଥରାଓ ଲେନ୍, କଟକ, ମୂଲ୍ୟ– ୧୫୦ଟଙ୍କା**

ପୁସ୍ତକରେ ୧୯ଟି ପ୍ରବନ୍ଧ ସ୍ଥାନ ପାଇଛି । ଏଥିରେ ଇଂରାଜୀ ଔପନ୍ୟାସିକ ଜେନ୍‌ଅଷ୍ଟିନ୍‌ଙ୍କଠାରୁ ଆରମ୍ଭ କରି ଶେଷ ପ୍ରବନ୍ଧ ରହିଛି ଜେ.କ୍ରିଷ୍ଣମୂର୍ତ୍ତି ଓ ଗଙ୍ଗାଧର ମେହେରଙ୍କ ସୃଷ୍ଟିରେ ପ୍ରକୃତି । ସ୍ୱଭାବକବି ଗଙ୍ଗାଧର ମେହେର ଏଭଳି ଜଣେ ପ୍ରତିଭା ଯାହାଙ୍କ ସହିତ ଯେ କୌଣସି କାଳଜୟୀ ସାହିତ୍ୟ ଶିଳ୍ପୀଙ୍କୁ ତୁଳନା କରାଯାଇପାରେ । ଫକୀରମୋହନଙ୍କ ରାଣ୍ଡିପୁଅ ଅନନ୍ତା ଓ ଗଙ୍ଗାଧରଙ୍କ ମହିମା କବିତାକୁ ବିଚାରକୁ ନିଆଯାଇପାରେ । ମହିମା କବିତାର ଭାବସତ୍ୟ ସହିତ ଅନନ୍ତା ଚରିତ୍ରର ସମ୍ବନ୍ଧ ଅତି ନିଗୂଢ଼ । ଅନନ୍ତା କ'ଣ ଜାଣିଥିଲା ଯେ, ଜନ୍ମ ଭୂମିର ସୁରକ୍ଷା ସକାଶେ ନିଜକୁ ଏପରି ସେ ଝାସ ଦେବ ବୋଲି ? ଏହା ନ ଜାଣିବା ତାର ମହତ୍‌ପଣର ଏକ ଦିବ୍ୟାଲୋକ । ପୁସ୍ତକରେ ପ୍ରକାଶିତ ପ୍ରବନ୍ଧଗୁଡିକ ଗବେଷକ ଓ ଗଙ୍ଗାଧର ଅନୁରାଗୀଙ୍କୁ ନିଶ୍ଚୟ ବାନ୍ଧି ରଖିବ ।




### ଫାଲ୍‌ଗୁନି ତିଥିର ଝିଅ

**ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର**
**ପ୍ରକାଶକ –ବନଫୁଲ, ଭୁବନେଶ୍ୱର, ମୂଲ୍ୟ–୧୭୦ଟଙ୍କା**

ଏଥିରେ ୪୩ଟି କବିତା ପ୍ରକାଶିତ ହୋଇଛି । ନିଉରୋମାଣ୍ଟିକ୍ କାବ୍ୟ ଦର୍ଶନ କବିତାର ପ୍ରମୁଖ ଉପଜୀବ୍ୟ । ପ୍ରକୃତି, ପ୍ରେମ, ପଲ୍ଲୀଚେତନା, ବ୍ୟକ୍ତିର ମୁକ୍ତି, ଅତୀତ ପ୍ରୀତି, ଅନାଗତର ଆହ୍ୱାନ, ଶିଥିଳ ରହସ୍ୟବାଦିତା, ଅତିନ୍ଦ୍ରୀୟ ଭାବ କେତେବେଳେ ବ୍ୟଥା, ପାଦତଳର ମାଟି ଓ ଅନନ୍ତ ଆକାଶକୁ ଏକାଠି ଯୋଡି ସେଇ ଅଜଣା ଅନୁଭବର ସ୍ୱର୍ଶ ଆଦି କବିତାର ନିର୍ଯାସ । ଏଥିରେ ପ୍ରଥମ କବିତା ହେଉଛି ସମୟ ସରିଯିବା ଆଗରୁ ଓ ଶେଷ କବିତା ଫାଲ୍‌ଗୁନି ତିଥିର ଝିଅ । କବିତାଗୁଡିକରେ ଜୀବନ ଜଗତକୁ ଦେଖିବାକୁ ଲେଖିକା ଉଦ୍ୟମ କରିଛନ୍ତି । ଫାଲ୍‌ଗୁନି କୌଣସି ତିଥି ନୁହେଁ, ଏହା ଏକ ନକ୍ଷତ୍ର । ପୁଣି ଅନ୍ୟ ଅର୍ଥରେ ଅର୍ଜ୍ଜୁନଙ୍କ ଅନ୍ୟନାମ । ଏଠି କିନ୍ତୁ କବୟିତ୍ରୀଙ୍କ ମତରେ ଫାଲ୍‌ଗୁନି ତିଥି ଏକ ପରିବ୍ୟାପ୍ତ ଆବେଗମୟ ମୁହୂର୍ତ୍ତର ଅନୁଭବ । ସେ ସତ୍ତା ଆବେଗରେ ବିଭୋର, ପ୍ରାଞ୍ଜତାରେ ଉଜ୍ୱଳ ଆଉ ଅଭୀପ୍‌ସାରେ ଚିରଚଞ୍ଚଳ । ଆଶା ପୁସ୍ତକଟି ପାଠକଙ୍କୁ ନିଶ୍ଚୟ ବାନ୍ଧି ରଖିବ ।




### ଏକ ଅଭିଯାତ୍ରୀର ଅନୁଭୂତି

**ଡାକ୍ତର ଗୋବିନ୍ଦ ଚନ୍ଦ୍ର ସାମଲ, ପ୍ରକାଶକ– ଅପୂର୍ବା**
**ଖାରବେଳନଗର, ଭୁବନେଶ୍ୱର–୧**
**ମୂଲ୍ୟ– ୧୫୦ଟଙ୍କା**

ଏକ ଅଭିଯାତ୍ରୀର ଅନୁଭୂତି ଡାକ୍ତର ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ଆତ୍ମଜୀବନୀ । ଏଥିରେ ସେ ୧୪ଟି ବିଷୟ ଉପରେ ଆଲୋକପାତ କରିଛନ୍ତି । ସେ ବୃତ୍ତିରେ ଜଣେ ସୁନାମଧନ୍ୟ ଶିଶୁରୋଗ ବିଶେଷଜ୍ଞ ଭାବେ ଚାକିରି କରି ଅବସର ଗ୍ରହଣ କରିଛନ୍ତି । ପୁସ୍ତକରେ ପିଲାବେଳର ବାଲ୍ୟ ସ୍ମୃତିଠାରୁ ଆରମ୍ଭ କରି ଗ୍ରାମ ପରିବେଶ, ଯୌଥ ପରିବାର, ପାରିବାରିକ ଜୀବନ ଓ ନିଜର କୃତି ସ୍ୱୀକୃତି ଆଦି ବର୍ଣ୍ଣନା କରିଛନ୍ତି । ଲେଖକଙ୍କର ବାଲ୍ୟକାଳର ସ୍ମୃତି ସବୁ ଅଲିଭା ଦାଗ ହୋଇ ରହିଯାଇଛି । ବାଲ୍ୟ, ଶୈଶବ ଓ କିଶୋର ଜୀବନର ସେଇସବୁ ତିକ୍ତ ମଧୁର ଅନୁଭୂତି ଆଜି ଲେଖକଙ୍କ ପାଇଁ ଅମୂଲ୍ୟ ଓ ଜୀବନ ଜୀଇଁବାର ସାହାରା ପାଲଟିଛି । ଲେଖକ ସାମଲ ବୃତ୍ତିରେ ଜଣେ ଚିକିତ୍ସକ ହେଲେ ମଧ୍ୟ ତାଙ୍କ ଅନୁଭୂତି ଓ ଅଭିଜ୍ଞତା ନିଜ ଲେଖା ମାଧ୍ୟମରେ ପ୍ରତିପାଦିତ କରିଛନ୍ତି । ଯାହା ପଢିଲେ ନିଆରା ଅନୁଭୂତି ଯୋଗାଇବ ।



# ଭାଇର ତ୍ୟାଗ



ଥାଇଲାଣ୍ଡର ଚନିତା ଗରିବ ପରିବାରର ଝିଅ। ଭାଇ ଓ ମା'କୁ ନେଇ ରୁହନ୍ତି। ମା' ମୁଲ ଲାଗି ଯାହା ରୋଜଗାର କରନ୍ତି ସେଥିରେ ଘର ଚଳାଇବା ସହ ଦୁଇ ପୁଅ ଝିଅଙ୍କୁ ପଢାନ୍ତି। ବହୁ କଷ୍ଟରେ ଦୁଇ ପିଲାଙ୍କର ପଢା ଚାଲିଥାଏ। ତେବେ ଚନିତା ସ୍କୁଲ ଅଫ୍ ପବ୍ଲିକ ଆଡମିନିଷ୍ଟ୍ରେସନ୍‌ରେ ଆଡ଼ମିଶନ୍ ନେଲେ। ତାଙ୍କ ମା'ଙ୍କ ପକ୍ଷେ ଦୁଇ ପିଲାଙ୍କୁ ପଢାଇବା କଷ୍ଟକର ହୋଇଗଲା। କ'ଣ କରିବେ ବୁଝିପାରୁ ନ ଥାଆନ୍ତି। ଏମିତିରେ ଚନିତାଙ୍କ ଭାଇ କହିଲେ ମୁଁ ପଢା ବନ୍ଦ କରିଦେଉଛି। ଚନିତା ପଢୁ। ହେଲେ ଏକଥା ଯେମିତି ଚନିତା ଜାଣିବ ନାହିଁ। ତାହା ହିଁ ହେଲା। ଚନିତାଙ୍କ ପଢା ଜାରି ରହିଲା। ଚନିତା ପରିଶ୍ରମ କରି ପରିବାରର ପ୍ରଥମ ଗ୍ରାଜୁଏଟ୍ ହେଲେ। ଆଉ ସେଇଦିନ ହିଁ ଚନିତାଙ୍କ ମା' ତାଙ୍କୁ କହିଲେ ଭାଇ କରିଥିବା ତ୍ୟାଗ ସମ୍ପର୍କରେ। ଚନିତାଙ୍କ ଆଖିରୁ ଲୁହ ବୋହିଗଲା। ଭଉଣୀ ସଫଳ ହେଇଥିବା ଜାଣି ଭାଇ ଯେତେବେଳେ ଭଉଣୀର କଲେଜକୁ ଗଲେ ଭଉଣୀର ଖୁସିର ସୀମା ରହିଲା ନାହିଁ। ଏଣେ ଭାଇର ଏତେ ବଡ଼ ତ୍ୟାଗ ପରିବର୍ତ୍ତେ ସେ କ'ଣ କରିପାରିବେ ଜାଣି ପାରି ନ ଥିଲେ। ସଙ୍ଗେ ସଙ୍ଗେ ନିଜ ଗ୍ରାଜୁଏଶନ୍ କ୍ୟାପ ଓ ଗାଉନ୍ ବାହାର କରି ଭାଇକୁ ପିନ୍ଧାଇ ଦେଇଥିଲେ। ସାର୍ଟିଫିକେଟ୍ ଭାଇକୁ ଧରାଇଦେଇ ଭାଇ ପାଦ ତଳେ ପଡ଼ି ମୁଣ୍ଡିଆ ମାରିଥିଲେ। ସେପୁଣି ସମସ୍ତଙ୍କ ସାମ୍ନାରେ। ସେଦିନର ସେହି ମୁହୂର୍ତ୍ତର ଫଟୋ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଲା। ଲୋକେ ଭାଇର ଏଭଳି ତ୍ୟାଗ ଓ ଭଉଣୀର ଭାଇ ପ୍ରତି ସମ୍ମାନ ଓ ଭଲ ପାଇବାକୁ ବହୁତ ପ୍ରଶଂସା କରିଥିଲେ।

ବ୍ୟାକ୍ ପେଜ୍

# କରତରେ ଜଗଲିଂ



ସର୍କସ୍‌ରେ ଜୋକର୍ ଏକାଧିକ ବଲ୍‌କୁ ଦୁଇ ହାତରେ ଜଗଲିଂ କରିବା ସମୟରେ ବେଶ୍ ମଜା ଲାଗିଥାଏ। ଏହା ଦେଖିବାକୁ ତ ମଜାଦାର କିନ୍ତୁ କରିବା ବହୁତ କଷ୍ଟ। ହେଲେ ଏଥିରେ ସର୍କସ୍‌ର ଅନ୍ୟ ଖେଳ ଭଳି ନ ଥାଏ ଜୀବନ ପ୍ରତି ବିପଦ। ତେବେ ଜଣେ ବ୍ୟକ୍ତି ଏଭଳି ଜିନିଷକୁ ଧରି ଜଗଲିଂ କରୁଛନ୍ତି ; ଯାହାକୁ ଦେଖିଲେ ଯେ କେହି ଡରିଯିବେ। ଆଉ ଏଥିରେ ଟିକେ ଅସାବଧାନତା ହେଲେ ଜୀବନ ଚାଲି ଯିବାର ଭୟ ଥାଏ। ଫିନ୍‌ଲାଣ୍ଡର ଜେନ୍ ମୁଷ୍ଟୋନେନ୍ ନାମକ ଏହି ବ୍ୟକ୍ତି ଜଣକ ମୋଟର ଚାଳିତ ଚେନ୍‌ସ' ବା କରତରେ ଜଗଲିଂ କରନ୍ତି। ୩ଟି କରତକୁ ସେ ଗୋଟାକ ପରେ ଗୋଟେ ଉପରକୁ ଫୋପାଡି ଓ ତାକୁ ଧରି ଜଗଲିଂ କରନ୍ତି। ଏଭଳି କରିବା ପୂର୍ବରୁ ସେ ବହୁତ ଅଭ୍ୟାସ କରିଥିଲେ। ଏମିତି ଭାବେ ସେ ସର୍ବାଧିକ ୯୮ଥର ଜଗଲିଂ କରି ରେକର୍ଡ ମଧ୍ୟ କରିଛନ୍ତି।





# ଅଜବ କାରନାମା

ସୁନ୍ଦର ହାତଲେଖା ସମସ୍ତଙ୍କ ମନ ଜିଣିଥାଏ। ହେଲେ ବହୁତ ଚେଷ୍ଟା କଲାପରେ ବି ଅନେକଙ୍କର ହାତ ଲେଖା ସୁନ୍ଦର ହୋଇପାରି ନ ଥାଏ। କିନ୍ତୁ ୫୬ ବର୍ଷୀୟ ରୁ' ଆଣ୍ଟିଂଙ୍କର ଅଛି ଏକ ଖାସ୍ ଟ୍ୟାଲେଣ୍ଟ। ଯେଉଁଠି ହାତରେ ଲେଖି ଲୋକଙ୍କ ହସ୍ତାକ୍ଷର ଭଲ ହୋଇପାରି ନ ଥାଏ, ସେ ଏକ ଅଜବ ଉପାୟରେ ସୁନ୍ଦରଭାବେ ଲେଖନ୍ତି। ଅବିଶ୍ୱାସ ଲାଗିଲେ ବି ରୁ' ନିଜ ଆଖିରେ ଲେଖନ୍ତି। ଭାବୁଥିବେ ଏହା କେମିତି ସମ୍ଭବ। ପ୍ରକୃତ କଥା ହେଲା ରୁ'ଙ୍କର ଅଛି ଏକ ସ୍ୱତନ୍ତ୍ର କଳା। ପ୍ରଥମେ ସେ ନାକ ଦେଇ ପାଣି ଟାଣନ୍ତି। ଆଉ ସେହି ପାଣିକୁ ଆଖିର ଟିୟର ଡକ୍ଟ ସାହାଯ୍ୟରେ କାଗଜ ଉପରେ ସ୍ପ୍ରେ କରି ଖୁବ୍ ସୁନ୍ଦରଭାବେ ଲେଖନ୍ତି। ପିଲାଦିନୁ ରୁ' ନିଜର ଏହି ସ୍ୱତନ୍ତ୍ର କଳା ସମ୍ପର୍କରେ ଜାଣିପାରିଥିଲେ। ସେ ନଦୀରେ ଗାଧୋଇବାବେଳେ ଅନେକଥର ନାକରେ ପାଣି ପିଇ ଦିଅନ୍ତି। ଥରେ ସେ ଦେଖିଲେ ନାକବାଟେ ଯାଇଥିବା ପାଣି ତାଙ୍କ ଆଖି ଦେଇ ବାହାରିଲା। ସାଙ୍ଗମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ବଡ଼ ହେବା ପରେ ଚାକିରି କଲେ। ଆଉ ତାଙ୍କର ଏହି କଳା ସୁପ୍ତ ଅବସ୍ଥାରେ ରହିଗଲା। ୨୦ ବର୍ଷ ଚାକିରି କରିବା ପରେ ଯେବେ ସେ ଚାକିରି ଛାଡିଲେ, ପୁଣିଥରେ ସେହି ସୁପ୍ତ କଳାକୁ ଜାଗ୍ରତ କଲେ। ୩ ବର୍ଷର ଅଭ୍ୟାସ ପରେ ସେ ଆଖିରୁ ପାଣି ୧୦ ଫୁଟ ଦୂରତା ପର୍ଯ୍ୟନ୍ତ ସ୍ପ୍ରେ କରିପାରିଲେ। ଆଉ ଏହିଭଳି ପାଣି ସ୍ପ୍ରେ କରି ସୁନ୍ଦରଭାବେ ଲେଖି ମଧ୍ୟ ପାରିଲେ। ଏହି ଅଜବ କଳାକୁ ନେଇ ସେ ରେକର୍ଡ ମଧ୍ୟ କଲେ।

